ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୬୩
୨୦ ନଭେମ୍ବର, ୨୦୨୫ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭବନ୍ତୁ ସୁଖିନଃ...

8 Pages
Price ₹ 5.00
Vol. 20, Issue No. : 163
20th November, 2025 Thursday
Bhubaneswar

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଓଁ ୟାଂ ମେଧାଂ ଦେବାଗଣାଃ ପିତରଶ୍ଚୋ ପାସତେ
ତୟା ମା ମଧ୍ୟ ମେଧୟା ଅଗ୍ନେ ମେଧାବିନଂ କୁରୁ**

ହେ ମେଧାବାନ୍ ପରାମାତ୍ମା ! ଆମର ଦେବଗଣ, ଋଷିଗଣ ଓ ପିତୃପୁରୁଷ ଯେଉଁ ମେଧା ବୁଦ୍ଧିର ପ୍ରାର୍ଥନା, ଉପାସନା ଓ ଯାଚନା ସବୁବେଳେ କରି ଆସିଛନ୍ତି, ଆପଣ ଆମ ସମସ୍ତଙ୍କୁ ସେହି ମେଧା ବୁଦ୍ଧି ପ୍ରଦାନ କରନ୍ତୁ, ଯଦ୍ୱାରା ଆମର ସମସ୍ତ ଶୁଭକାର୍ଯ୍ୟ ଯଥାବିଧି ସମ୍ପନ୍ନ ହେବ ।

**ଅମ୍ବିକା ପ୍ରସାଦ ଦାସଙ୍କ**
**‘ସତ କହିବାକୁ କିଆଁ ଡରିବି’ ସ୍ତମ୍ଭରେ**
**ସତ କହିବା ପାଇଁ ସତ୍‌ସାହସ ଦରକାର**

# ଆଜି ଶପଥ ନେବେ ନୀତିଶ

**ପାଟନା,୧୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିହାରର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ନୀତୀଶ କୁମାର। ସେ ବୁଧବାର ରାଜଭବନ ଯାଇ ରାଜ୍ୟପାଳ ଆରିଫ ମହମ୍ମଦ ଖାଁଙ୍କୁ ଭେଟିବା ସହ ଇସ୍ତଫା ଦେଇଛନ୍ତି। ସେ ଆସନ୍ତା କାଲି ଅର୍ଥାତ ଗୁରୁବାର ଦିନ ୧୦ମ ଥରପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ପୂର୍ବାହ୍ନ ୧୧ଟା୩୦ ମିନିଟ୍‌ରେ ପାଟନା ଗାନ୍ଧି ମୈଦାନରେ ଶପଥଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଏହା ପୂର୍ବରୁ ଆଜି ପାଟନାଠାରେ ଜେଡିୟୁ ବିଧାୟକ ଦଳ ଓ ବିଜେପି ବିଧାୟକ ଦଳର ବୈଠକ ବସିଥିଲା। ଜେଡିୟୁ ପକ୍ଷରୁ ନୀତୀଶଙ୍କୁ ନେତା ନିର୍ବାଚିତ କରାଯାଇଥିବାବେଳେ ବିଜେପି ପକ୍ଷରୁ ସମ୍ରାଟ ଚୌଧୁରୀଙ୍କୁ ନେତା ନିର୍ବାଚିତ କରାଯାଇଥିଲା। ଏହା ପରେ ଏନଡିଏ ବିଧାୟକ ଦଳ ବୈଠକ ବସିଥିଲା ଯେଉଁଥିରେ ନୀତୀଶଙ୍କୁ ସର୍ବସମ୍ମତିକ୍ରମେ ନେତା ନିର୍ବାଚିତ କରାଯାଇଥିଲା।

ତେବେ ବିହାରରେ ସରକାର ଗଠନ ଲାଗି କସରତ ଭିତରେ ବିଜେପି ପାଖକୁ ଯାଏ ତେବେ ରାଜ୍ୟରେ ଜଣେ ଡେପୁଟି ମୁଖ୍ୟମନ୍ତ୍ରୀ ରହିବେ। ହେଲେ ଏବେ ଛବି ସ୍ପଷ୍ଟ ହୋଇଯାଇଛି। ପୂର୍ବଥର ଭଳି ଏଥର ମଧ୍ୟ ସମ୍ରାଟ ଚୌଧୁରୀ ଓ ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ ହେବେ। ଅର୍ଥାତ

### ବିଜେପି ହାତରେ ବାଚସ୍ପତି ପଦ

ବିଜେପିର ୨ଟି ଦାବିକୁ ଜେଡିୟୁ ସୁପ୍ରିମୋ ନିତିଶ କୁମାର ଟାଳି ପାରି ନାହାନ୍ତି। ରାଜ୍ୟରେ ବିଜେପି ଯାହା ଚାହୁଁଥିଲା ତାହା ହିଁ ହେଲା। ସୂତ୍ର ଅନୁସାରେ ବିଜେପି ନିକଟରେ ବାଚସ୍ପତି ପଦ ରହିବ। ଏହି ପଦ ଜେଡିୟୁର ମଧ୍ୟ ଦାବି ଥିଲା, ହେଲେ ଏହାକୁ ଦଳ ଛାଡିବାକୁ ରାଜି ହୋଇଛି।

ସୂତ୍ର ଅନୁସାରେ ଜେଡିୟୁ ଚାହୁଁଥିଲା ବଚସ୍ପତି ପଦଟି ଯଦି ବିଜେପିର ଏହି ଦୁଇଟି ଇଛାକୁ ବର୍ତ୍ତମାନ ଲାଗି ସହମତି ମିଳିଯାଇଛି।

ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଚୂଡ଼ାନ୍ତ ପରେ ଆଗାମୀ ମନ୍ତ୍ରୀମଣ୍ଡଳକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ମିଳିଥିବା ସୂଚନା ଅନୁସାରେ ଏନଡିଏ ବିଧାୟକ ଦଳର ପ୍ରତିଦଳକୁ ସଦସ୍ୟ ସଂଖ୍ୟା ଅନୁଯାୟୀ ବିଭାଗ ବଣ୍ଟାଯିବ। ଏହି କ୍ରମରେ ଜେଡିୟୁ ଓ ବିଜେପି ସମେତ ଏଲଜେପି (ରାମ ବିଳାସ), ଆରଏଲଏମ, ଏଚଏଏମର ଅଗଧାଡିର ବିଧାୟକମାନଙ୍କ ନାମକୁ ନେଇ ଚର୍ଚ୍ଚା ଆରମ୍ଭ ହେଉଛି। ସେମାନେ ହେଲେ ଜେଡିୟୁର ବିଜୟ ଚୌଧୁରୀ, ବିଜେନ୍ଦ୍ର ଯାଦବ, ଅଶୋକ ଚୌଧୁରୀ, ଲେସି ସିଂହ, ମଦନ ସାହାନୀ, ଜୟନ୍ତ ରାଜ, ସନ୍ତୋଷ ନିରାଲା, ଶ୍ରବଣ କୁମାର, ଜାମା ଖାନ, ମହେଶ୍ୱର ହଜାରୀ। ବିଜେପିର ନୀତିନ ନବୀନ, ମଙ୍ଗଲ ପାଣ୍ଡେ, ରାମକ୍ରିପାଲ ଯାଦବ, ରଜନୀଶ କୁମାର, ସଞ୍ଜୟ ସରାବଗି, ଜିବେଶ ମିଶ୍ରା, ନୀତିଶ ମିଶ୍ରା, ଡଃ ସୁନୀଲ କୁମାର, ରାଜକୁମାର ଯାଦବ, ବିଜୟ ମଣ୍ଡଳ। ଏଲଜେପିର ରାଜୁ ତିୱାରୀ, ଆରଏଲଏମର ସ୍ନେହଲତା କୁଶବାହା। *(ଶେଷ ପୃଷ୍ଠା ଦେଖନ୍ତୁ)*



## ଡିସେମ୍ବର ୨୫ରୁ ଖୋଲିବ ମଣ୍ଡି

**ଭୁବନେଶ୍ୱର,୧୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଡିସେମ୍ବର ୨୫ ତାରିଖରୁ ଖୋଲିବ ମଣ୍ଡି। ଏନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଧାନ କିଣିବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ମିଲରଙ୍କୁ ଗୋଦାମ ଖାଲି କରିବାକୁ ଦାୟିତ୍ୱ ଦିଆଯାଇଛି। ଗତ ବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ଧାନ ଚାଷ ହୋଇଛି। ଯେଉଁମାନେ ପଞ୍ଜୀକରଣ କରିଛନ୍ତି ସେମାନଙ୍କ ଠାରୁ ଧାନ କିଣାଯିବ। ୩୨ଟି ମଡେଲ ମଣ୍ଡି ପାଇଁ ଟେଣ୍ଡର ଦିଆଯାଇଛି। ଏଥିପାଇଁ ୩୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଦୁଇ ବର୍ଷ ଭିତରେ ସରକାରରେ ୧୦୦ଟି ମଡେଲ୍ ମଣ୍ଡି ଖୋଲିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଲାଞ୍ଚ ନେଇ ଅବକାରୀ ଅଧିକ୍ଷକ ଓ ଏଏସ୍‌ଆଇ ଗିରଫ

**କେନ୍ଦୁଝର,୧୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଜଣେ ଲାଇସେନ୍ସ ପ୍ରାପ୍ତ ବିଦେଶୀ ଠିପି ବନ୍ଦ ମଦ ଦୋକାନୀଙ୍କ ବ୍ୟବସାୟକୁ ସୁଗମ କରିବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାଣୀ ପଟ୍ଟାୟତ ଓ ଚମ୍ପୁଆ ଅବକାରୀ ଥାନା ଏଏସଆଇ କମ ଓଆଇସି ବିଜୟ କୁମାର ମହାନ୍ତ।

ଘଟଣା ଅନୁସାରେ ଚମ୍ପୁଆ ଅବକାରୀ ଥାନା ଅନ୍ତର୍ଗତ ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନର ମାଲିକ ବିଧିଭୂଷଣ ପତିଙ୍କୁ ଜିଲ୍ଲା ଅବକାରୀ ଅଧିକ୍ଷକ ସୀତରାଣୀ ପଟ୍ଟାୟତ ବିଭିନ୍ନ ଉପାୟରେ ହଇରାଣ କରିବା ସହ ନିୟମିତ ଭାବେ ଲାଞ୍ଚ ମାଗୁଥିଲେ। ଅବକାରୀ ଅଧିକ୍ଷକ ମଦ ଦୋକାନ ମାଲିକଙ୍କୁ ମାସକୁ ଦଶ ହଜାର ଟଙ୍କା ଲାଞ୍ଚ ହିସାବରେ ଚାରି ମାସର ଚାଳିଶ ହଜାର ଟଙ୍କା ଚମ୍ପୁଆ ଅବକାରୀ ଥାନାର ଏଏସଆଇ ଓ ଇନଚାର୍ଜ ଓଆଇସି ବିଜୟ କୁମାର ମହାନ୍ତଙ୍କୁ ଦେବା ପାଇଁ କହିଥିଲେ। ଏହା ପରେ ଦୋକାନ ମାଲିକ ବିଧିଭୂଷଣ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଧିକ୍ଷକଙ୍କ କହିବା ଅନୁସାରେ ବିଧୂଭୂଷଣ ବୁଧବାର ଅପରାହ୍ନ ସମୟରେ ଏକ ଖାମ୍‌ରେ ୪୦ ହଜାର ଟଙ୍କା ଏଏସଆଇ ବିଜୟ କୁମାର *(ଶେଷ ପୃଷ୍ଠା ଦେଖନ୍ତୁ)*

## ରମେଶ୍ୱର-ପାରାଦୀପ ଉପକୂଳ ରାଜପଥକୁ ଖୁବ୍‌ଶୀଘ୍ର ସବୁଜ ସଙ୍କେତ

**ଭୁବନେଶ୍ୱର,୧୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ବହୁ ପ୍ରତୀକ୍ଷିତ ରମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ଉପକୂଳ ରାଜପଥ ପ୍ରକଳ୍ପ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ବୋଲି ବୁଧବାର ଶ୍ରମ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହି ପ୍ରକଳ୍ପ ପାଇଁ ରୁଟ୍ ଚୂଡ଼ାନ୍ତ ହୋଇଛି ଏବଂ କ୍ୟାବିନେଟ୍ କମିଟି ଅନ୍ ଆଫେୟାର୍ସର ଅନୁମୋଦନ ପରେ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ପ୍ରକଳ୍ପର ଆନୁମାନିକ ମୂଲ୍ୟ ୮,୩୦୦ କୋଟି ଟଙ୍କା ରହିଛି।



ଏହି ରାଜପଥର ଲମ୍ବ ୧୬୦.୧୮ କିଲୋମିଟର। ଏହା ରାଜ୍ୟ ଉପକୂଳରେ ଯୋଜନା କରାଯାଇଥିବା ୩୪୬ କିଲୋମିଟର କରିଡରର ଏକ ଅଂଶ। ଏହାକୁ ଚାରି ଲେନ୍ ବିଶିଷ୍ଟ ଆକ୍‌ସେସ୍-କଣ୍ଟ୍ରୋଲ୍ ରାସ୍ତାରେ ବିକଶିତ କରାଯିବ, ଯାହା କୋଣାର୍କ ଚାରିପାଖର ପର୍ଯ୍ୟଟନ ଯାତାୟାତକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସାପ କାମୁଡ଼ା ମୃତ୍ୟୁ ପାଇଁ କ୍ଷତିପୂରଣ ରାଶି ୧୦ ଲକ୍ଷ ଟଙ୍କା ସୁପାରିସ

**ଭୁବନେଶ୍ୱର,୧୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସାପ କାମୁଡା ମୃତ୍ୟୁ ପାଇଁ ବଢ଼ିପାରେ କ୍ଷତିପୂରଣ ରାଶି। ପୂର୍ବରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମିଳୁଥିବା ବେଳେ ଏହାକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ରାଶି ସାରା ଭାରତ ବର୍ଷରେ ଲାଗୁ ହେବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କ୍ଷତିପୂରଣ ରାଶି ବୃଦ୍ଧି ପ୍ରସ୍ତାବକୁ ରାଜ୍ୟ ସରକାର ସମୀକ୍ଷା କରୁଛନ୍ତି। ଏହି କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ରାଜ୍ୟ ସରକାର ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିଶ କରିଥିଲେ। କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏବେ ରାସ୍ତା ଖୋଲିଲା ବୋଲି ମନ୍ତ୍ରୀ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସ୍କୁଲ ପାଇଖାନାରେ ପଡ଼ି ଛାତ୍ରୀ ମୃତ

**ତେଲକୋଇ,୧୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଦିବାସୀ ଛାତ୍ରୀ ନିବାସ ପାଇଖାନା ଘରେ ପଡ଼ି ଜଣେ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଆଜି ସକାଳେ ପାଇଖାନକୁ ଯାଇଥିବା ବେଳେ ଅସାବଧାନତାବଶତଃ ପଡ଼ି ଯାଇଥିଲେ ଛାତ୍ରୀ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ଏଣେ ଗୁରୁତର ଅବସ୍ଥାରେ ତାଙ୍କୁ ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଭୀମାକାଣ୍ଡ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ତେଲକୋଇ ଥାନା କୁଲାଡେରା ଗ୍ରାମର ଗଣେଶ୍ୱର ନାଏକଙ୍କ ଝିଅ ତେଜସ୍ୱିନୀ ନାୟକ ଛାତ୍ରୀ ନିବାସରେ ରହି ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ। ଆଜି ସକାଳେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଆନ୍ଧ୍ର-ଓଡ଼ିଶା ଇନଚାର୍ଜ ସମେତ ଆଉ ୭ ନକ୍ସଲ ସଫା

**ଭୁବନେଶ୍ୱର,୧୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୁଶୁଡିବାରେ ଲାଗିଛି ଲାଲଗଡ। ଜଣଙ୍କ ପରେ ଜଣେ ଶୀର୍ଷ ନକ୍ସଲ ନେତା ଏବେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିବାରେ ଲାଗିଛନ୍ତି। ୨୪ ଘଣ୍ଟା ତଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ପ୍ରାଣ ହରାଥିଲା କୁଖ୍ୟାତ ମାଓବାଦୀ ନେତା ମାଡଭୀ ହିଡମା। ଏହାର ଦିନକ ପରେ ପୁଣି ସୁରକ୍ଷାକର୍ମୀଙ୍କୁ ମିଳିଛି ସଫଳତା। ନକ୍ସଲ ମୁକ୍ତ ଭାରତ ଗଠନ ଦିଗରେ ମାଡି ଚାଲିଥିବା ସୁରକ୍ଷାକର୍ମୀଙ୍କ ଗୁଳିରେ ଆଜି ଆଉ ୭ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛି ଆନ୍ଧ୍ର ପ୍ରଦେଶ-ଓଡିଶା ଇନଚାର୍ଜ ତଥା ଦୁର୍ଦ୍ଦଶ ଶଙ୍କର।

ଆନ୍ଧ୍ର ପ୍ରଦେଶର ମାରେଡୁମିଲ୍ଲିରେ ଆଜି ସକାଳେ ହୋଇଥିବା ଏନକାଉଣ୍ଟରେ ସୁରକ୍ଷାକର୍ମୀଙ୍କୁ ଏଭଳି ସଫଳତା ମିଳିଛି। ସେହିପରି ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନରୁ ୫୦ ଜଣ ମାଓବାଦୀଙ୍କୁ ଗିରଫ ମଧ୍ୟ କରାଯାଇଛି।


ପୁଲିସ୍ କହିଛି ଯେ ମୃତ ୭ ମାଓବାଦୀଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି। ଜଣେ ନିହତ ମାଓବାଦୀ ହେଲା ମେତୁରି ଜୋଖା ରାଓ ଓରଫ ଶଙ୍କର। ତା’ ଘର ଶ୍ରୀକାକୁଳମ

### ବନ୍ଧା ହେଲେ ୫୦

ଅଞ୍ଚଳରେ। ସେ ମାଓବାଦୀ ସଂଗଠନରେ ଆନ୍ଧ୍ର-ଓଡିଶା ସୀମା(ଏଓବି) ଇନଚାର୍ଜ ଭାବେ କାମ କରୁଥିଲା। ବୈଷୟିକ ଜ୍ଞାନକୌଶଳ, ଅସ୍ତ୍ରଶସ୍ତ୍ର ତିଆରି ଓ ଯୋଗାଯୋଗ ଭଳି କ୍ଷେତ୍ରରେ ଶଙ୍କରର ବେଶ ଆଧିପତ୍ୟ ରହିଥିଲା। ସେ ଦୀର୍ଘ ୨୦ ବର୍ଷ ହେଲା ନକ୍ସଲ ସଂଗଠନ ସହ ଜଡିତ ରହିବା ସହ ଏକାଧିକ ହମଲାରେ ସାମିଥିଲା ବୋଲି ଆନ୍ଧ୍ର ଗୁଇନ୍ଦା ଏଡିଜି ମହେଶ ଚନ୍ଦ୍ର ଲାଧା ସୂଚନା ଦେଇଛନ୍ତି। ବାକି ମୃତକଙ୍କ ପରିଚୟ ଖୋଜା ଚାଲିଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ୫୦ ଜଣ ସିପିଆଇ(ମାଓବାଦୀ) ଅପରେଟିଭ୍ସଙ୍କୁ କ୍ରିଷ୍ଣା, ଇଲୁରୁ, ଏନଟିଆର ବିଜୟୱାଡା, କାକିନାଡା ଓ ଡ. ବିଆର ଆମ୍ବେଦକର କୋନାସୀମା ଜିଲ୍ଲାରୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ୩ ଜଣ ସ୍ପେଶାଲ ଜୋନାଲ କମିଟି ସଦସ୍ୟ, ୨୩ ପ୍ଲାଟୁନ ସଦସ୍ୟ, ୫ ଡିଭିଜନାଲ କମିଟି ସଦସ୍ୟ ଓ ୧୯ ଜଣ ଏରିୟା କମିଟି ସଦସ୍ୟ ରହିଛନ୍ତି। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବରିଷ୍ଠ ମାଓବାଦୀ ନେତା, ଲଜିଷ୍ଟିକ ଏକ୍ସପର୍ଟ, କମ୍ୟୁନିକେସନ ଅପରେଟିଭ୍ସ, ଆର୍ମଡ ପ୍ଲାଟୁନ ମେମ୍ବର, ପାର୍ଟି ମେମ୍ବର ଓ ନିହତ ମାଓବାଦୀ ହିଡମାର ଯୋଗାଯୋଗରେ ଥିବା ଅନେକ ସଦସ୍ୟ ରହିଥିବା ଆନ୍ଧ୍ର ପ୍ରଦେଶ ପୁଲିସ୍ କହିଛି।

୭ ମାଓବାଦୀ ନିହତ ହେବା ଓ ୫୦ ଜଣ ଗିରଫ ହେବା ସଂଗଠନର ଦକ୍ଷିଣ ବସ୍ତର ଓ ଦଣ୍ଡକାରଣ୍ୟ ନେଟୱର୍କ ପାଇଁ ଶକ୍ତ ଝଟକା ସଦୃଶ ହୋଇଛି। ମଙ୍ଗଳବାର ଆନ୍ଧ୍ର ପ୍ରଦେଶର ଆଲ୍ଲୁରି ସୀତାରାମରାଜୁ ଜିଲ୍ଲାରେ *(ଶେଷ ପୃଷ୍ଠା ଦେଖନ୍ତୁ)*




## ଏସ୍‌ଆଇଆର୍-ଜନଗଣନା ଯୋଗୁ ଘୁଞ୍ଚିବ ପଞ୍ଚାୟତ ଉପ ନିର୍ବାଚନ !

**ଭୁବନେଶ୍ୱର,୧୯।୧୧: ତଥ୍ୟ**

ନୂଆପଡ଼ା ବିଧାନସଭା ଆସନ ପାଇଁ ହୋଇଥିବା ଉପ ନିର୍ବାଚନରେ ବିଜେପିର ବିପୁଳ ବିଜୟ ପରେ ଏବେ ସମସ୍ତଙ୍କ ନଜର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଖାଲି ପଡିଥିବା ଆସନଗୁଡ଼ିକର ଉପ ନିର୍ବାଚନ ଲାଗି।

ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ସ୍ତରରେ ବିଭିନ୍ନ କାରଣରୁ ଏବେ ସହସ୍ରାଧିକ ସଦସ୍ୟ ପଦବୀ ଖାଲି ପଡିଛି। ପ୍ରାୟ ୪ମାସ ତଳେ ଏହି ପଦବୀ ସବୁ ପୂରଣ କରିବା ପାଇଁ ଉପ ନିର୍ବାଚନ ଲାଗି ବ୍ୟବସ୍ଥା ହେଉଥିଲା। ତେବେ ମୌସୁମୀ ଆଗମନ କାରଣରୁ ଗାଁ ଗହଳରେ ସେ ସମୟରେ ନିର୍ବାଚନ କରିବା କଷ୍ଟକର ହେବ ବୋଲି ମନେ କରାଯିବାରୁ ଏହି ଉପ ନିର୍ବାଚନକୁ ସ୍ଥଗିତ ରଖାଯାଇଛି।

ଏବେ ରାଜ୍ୟରେ ଶୀତ ଲହରି ଚାଲିଛି। ବିଶେଷକରି ଡିସେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁକୂଳ ପାଣିପାଗ ରହୁଥିବାରୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଖାଲି ପଡିଥିବା ଆସନଗୁଡ଼ିକ ପାଇଁ ନିର୍ବାଚନ କରିବା ଉତ୍କୃଷ୍ଟ ସମୟ ବୋଲି ମତ ପ୍ରକାଶ ପାଉଛି। ଏଥିପାଇଁ ବିଭିନ୍ନ ଦଳ ପକ୍ଷରୁ ମଧ୍ୟ କ୍ଷେତ୍ର ସ୍ତରରେ ଜନସଂପର୍କ ରକ୍ଷା ଅଭିଯାନ ଚାଲିଛି।



ଏଠାରେ ଉଲ୍ଲେଖନୀୟ ଯେ ଆଉ ୨ବର୍ଷ ପରେ ପଞ୍ଚାୟତ ଓ ପୌର ସଂସ୍ଥାଗୁଡ଼ିକ ପାଇଁ ନିୟମିତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ। ବିଧାନସଭା ଆସନ ଖାଲି ହେବାର ଦୁଇମାସ ଭିତରେ ନିର୍ବାଚନ ହେଇଯାଉଥିବାବେଳେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ କିନ୍ତୁ ବିଭିନ୍ନ ଆଳରେ ଏହା ବିଳମ୍ବିତ ହେଉଥିବାରୁ ଅନେକ ଗାଁର ଏହି ବ୍ୟବସ୍ଥାରେ ଏବେ ପ୍ରତିନିଧିତ୍ୱ ନାହିଁ। ପ୍ରତିନିଧିମୂଳକ ତ୍ରିସ୍ତରୀ ପଞ୍ଚାୟତିରାଜ ବ୍ୟବସ୍ଥା ଯେଉଁଠି ଦୁର୍ବଳ ରହୁଛି ସେଠାରେ ଗ୍ରାମସଭା ଆଦି ମାଧ୍ୟମରେ ନିଷ୍ପତ୍ତି ନେବା କ୍ଷେତ୍ରରେ ସମସ୍ୟା ଉପୁଥିବାରୁ ଉନ୍ନୟନ କାର୍ଯ୍ୟ ମଧ୍ୟ ବ୍ୟାହତ ହେଉଛି।

ବିଜେଡି, କଂଗ୍ରେସ ଓ ବାମପନ୍ଥୀ ଦଳମାନେ ଖାଲି ପଡିଥିବା ଆସନଗୁଡ଼ିକ ପାଇଁ ଉପ ନିର୍ବାଚନ ଲାଗି ଦାବି କରିଆସୁଛନ୍ତି। ବିଜେପି ନେତାମାନେ ମଧ୍ୟ କହୁଛନ୍ତି ଯେ ନିର୍ବାଚନ କମିଶନ ଯେବେ ନିର୍ବାଚନ କରିବେ ସେମାନେ ସେଥିରେ ଅଂଶଗ୍ରହଣ କରିବାକୁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଫେବୃଆରୀରୁ ଏପ୍ରିଲ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପରୀକ୍ଷାଗୁଡ଼ିକ ରହୁଥିବାରୁ ତାହାର ଢେର ପୂର୍ବରୁ ଏହି ଉପ ନିର୍ବାଚନ ସାରା ରାଜ୍ୟରେ ଗୋଟିଏ ଦିନରେ କରିବା ଲାଗି ବିଭିନ୍ନ ମହଲରୁ ମଧ୍ୟ ମତପ୍ରକାଶ *(ଶେଷ ପୃଷ୍ଠା ଦେଖନ୍ତୁ)*

## ତେଲ ହଡ଼ପ ଘଟଣାରେ ସହନିର୍ବାହୀ ଯନ୍ତ୍ରୀଙ୍କ ବଦଳି

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

'ସରକାର କା ତେଲ ନିଜ ଗାଡି ମେ ଡ଼ାଲ' ନୀତି ଆପଣାଇଥିବା ଯନ୍ତ୍ରୀଙ୍କ କଳାକାରନାମାର ଗୁମରର ତଦନ୍ତ ପରେ ଜିଲ୍ଲାପାଳ ନେଇଛନ୍ତି ଆକ୍ସନ। ସୂଚ଼ନା ମୁତାବକ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକରେ କାର୍ଯ୍ୟରତ ଯନ୍ତ୍ରୀ ଶରତ ଚ଼ନ୍ଦ୍ର ଉପାଧ୍ୟାୟଙ୍କୁ ନୀଳଗିରି ଆଇଟିଡିଏ ବିଭକ୍ଷଗର ଯନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱରେ ନିୟୋଜିତ କରାଯାଇଥିଲା। ଉକ୍ତ ସମୟରେ ଶ୍ରୀ ଉପାଧ୍ୟାୟ ଚ଼ଞ୍ଚକତା କରି ବିଭାଗୀୟ ଗାଡ଼ିରେ କାର୍ଯ୍ୟ ହେଉଥିବା ସ୍ଥାନକୁ ପରିଦର୍ଶନରେ ଯିବା ପାଇଁ ଆବଶ୍ୟକୀୟ ତେଲ ଆଇଟିଡିଏ ବିଭାଗରୁ ଡିଜେଲ ତେଲ କୁପନ/ରସିଦ ନେଇ ସରକାରୀ ଗାଡ଼ି ବଦଳରେ ପେଟ୍ରୋଲ ପମ୍ପରେ ନିଜସ୍ୱ ଗାଡିରେ ଡିଜେଲ ପରିବର୍ତ୍ତେ ଉକ୍ତ ମୂଲ୍ୟରେ ପେଟ୍ରୋଲ ପକାଇବା ସହ ଅଧିକ ପେଟ୍ରୋଲ ଜାରକିନରେ ଭର୍ତ୍ତି କରି ନେଉଥିବାର ଦୃଶ୍ୟ ପେଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭି ଫୁଟେଜରେ ରେକର୍ଡ ହୋଇଥିବାର ଦେଖିବାକୁ ମିଳିବା ସହ ବିଭିନ୍ନ ଖବରକାଗଜରେ ପ୍ରସାରଣ ହୋଇଥିଲା। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଭାଗୀୟ ନିର୍ଦ୍ଦେଶ କ୍ରମେ ନୀଳଗିରି ଉପଜିଲ୍ଲାପାଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପରେ ପ୍ରସାରିତ ଖବର ସଠିକ ଭାବେ ଜଣାପଡିବା ପରେ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶ କ୍ରମେ ଚ଼ିଠି ନମ୍ବର ୪୮୨୯ ମୂଳେ ଭୋଗରାଇ ବ୍ଲକକୁ ବଦଳି କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନକୁ ନୀଳଗିରିବାସୀ ପ୍ରଶଂସା କରିଛନ୍ତି। ଏଥିସହିତ ଯନ୍ତ୍ରୀ ଶ୍ରୀ ଉପାଧ୍ୟାୟଙ୍କ କାର୍ଯ୍ୟକଳକ୍ଷପକୁ 'ଚୋର ଘରେ ନ ଥାଏ ସବୁଦିନ ଚ଼ାନ୍ଦନୀ ରାତି' ବୋଲି ବେଶ ଚ଼ର୍ଚ୍ଚା ହେଉଛି ନୀଳଗିରି ନିର୍ବାଚ଼ନ ମଣ୍ଡଳୀରେ।

## ସବପୋଷ୍ଟ ଅଫିସରେ ଚୋରି, ତଦନ୍ତ ଦାବି

**ସୋରଡ଼ା : ଏକ୍ସପ୍ରେସ ନ୍ୟୁଜ୍**

ସବ ପୋଷ୍ଟ ଅଫିସରେ ୧୩,୧୪ ତାରିଖ ମଧ୍ୟରାତ୍ରରେ ଅଫିସ ସାଇଡ଼ ଡୋର ଭାଙ୍ଗି ଭିତରେ ପଶି ପୋଷ୍ଟ ଅଫିସ ମଧ୍ୟରେ ଥିବା ଟ୍ରଜେରି ତାଲା ଭାଙ୍ଗିବା ସହିତ ଟ୍ରେଜେରୀ ଭାଙ୍ଗି ସେଥିରେ ବ୍ୟବହାର ହୋଇଥିବା ଓ୍ୱେଲଡିଙ୍ଗ ମେସିନ ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜଣାପଡିଛି। ୧୪ ତାରିଖ ସକାଳୁ ୧୦ ଘଣ୍ଟ ସମୟରେ ପୋଷ୍ଟ ଅଫିସ ଖୋଲିବା ପରେ ଏପରି ଘଟଣା ଦେଖିବାକୁ ପାଇଥିଲେ। ଏହାସହ ଟ୍ରେଜେରୀରେ ଥିବା ଏକ ଲକ୍ଷ ଶତକ୍ଷ ଅସି ହଜାର ନଶହ ତିରିସି ଟଙ୍କା ଚୋରି ହୋଇଥିବା ସମ୍ପର୍କେ ସମ୍ପୃକ୍ତ ପୋଷ୍ଟ ଅଫିସର ଭାର ପ୍ରାପ୍ତ ସବ ପୋଷ୍ଟମାଷ୍ଟର ବିନାୟକ କିସାନ ସୋରଡ଼ା ଥାନାରେ ଏତଲା ଦେଇଥିଲେ। ଘଟଣାରୁ ପ୍ରକାଶ ଯେ ୧୩ ତାରିଖ ସନ୍ଧ୍ୟା ପ୍ରାୟ ୬ ଘଣ୍ଟ ସମୟରେ ସମସ୍ତ କର୍ମଚ଼ାରୀ ପୋଷ୍ଟ ଅଫିସରେ ଚ଼ାବି ପକାଇ ନିଜ ନିଜ ଘରକୁ ଯାଇଥିଲେ। ସୋରଡ଼ା ପୋଲିସ ଥାନାରେ ୧୪ ତାରିଖ ଦିନ ବିଭାଗ ପକ୍ଷରୁ ଏତଲା ପାଇବା ପରେ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ଶାଶ୍ୱତ ପରିଡା ପୋଲିସ ଏସଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚ଼ଳାଇଥିଲେ। ଏହା ସହିତ ସମସ୍ତ ଷ୍ଟାପଙ୍କୁ ପଚ଼ାରି ବୁଝିଥିଲେ ଏବଂ ରେକର୍ଡ ଗୁଡିକ ତନ ତନ କରି ଯାଞ୍ଚ କରିଥିଲେ। ଟ୍ରେଜେରି ଭାଙ୍ଗିଥିବା ସମସ୍ତ ସାମଗ୍ରୀ ମାନ ଜବତ କରିବା ସହିତ ବିଭିନ୍ନ ରେକର୍ଡ କାଗଜ ପତ୍ର ତଦନ୍ତ କରିଥିଲେ। ଆବଶ୍ୟକୀୟ ରେକର୍ଡ, ରେଜିଷ୍ଟରମାନ ଜବତ କରିଥିଲେ। ପୋଷ୍ଟ ଅଫିସ ପରିସରରେ ସିସି କ୍ୟାମେରା ଲଗାଯାଇ ନଥିବା, ସିକୁରିଟି ମଞ୍ଜୁରୀ କରିନଥିବା, କେତେଟଙ୍କା ଟ୍ରେଜେରି ବାକ୍ସ କିମ୍ବା ଅଫିସରେ ଗଚ୍ଛିତ ଥିବା ଟଙ୍କାର ସୂଚ଼ନା ଦେଇନଥିବା, ବ୍ୟାଙ୍କରେ ଉକ୍ତ ଦିନର ଟଙ୍କା ଜମା କରିନଥିବା ସମ୍ପର୍କେ ପୋଲିସ ତଦନ୍ତ କରୁଥିବା ଜଣାପଡ଼ଇଛି। ତେବେ ଭଙ୍ଗା ଯାଇଥିବା ଟ୍ରେଜେରି ବାକ୍ସ ଓ଼ ଭାଙ୍ଗିବା ସାମଗ୍ରୀ ସମେତ ଅନ୍ୟ କର୍ମଚ଼ାରୀମାନେ ସ୍ୱର୍ଶ କରିଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ଏସମସ୍ତ ଘଟଣା ଘଟିବ ପରେ ଘଟଣାସ୍ଥଳରେ କେବଳ ପୋଷ୍ଟାଲ ଓବରସର ଉପସ୍ଥିତ ଥିବାବେଳେ ବିଭାଗୀୟ କୌଣସି ପଦାଧିକାରୀ ନଥିଲେ। ଅବଶ୍ୟ ସମସ୍ତ କାର୍ଯ୍ୟ ସମାପ୍ତ ପରେ ନାମକୁ ମାତ୍ର ପୋଷ୍ଟାଲ ଇନସ୍ପେକ୍ଟ ରଘୁନାଥ ନାୟକ ଉପସ୍ଥିତ ଥିଲେ। ୧୫ ତାରିଖରେ ଆସ୍କା ଡିଭିଜନର ବିଭାଗୀୟ ଅଧ୍ୟକ୍ଷ ନାମକୁ ମାତ୍ର ଉପସ୍ଥିତ ହୋଇଥିବା ଦେଖିବାକୁ ମିଳିଥିଲା। ସେ ସୋରଡ଼ା ପୋଷ୍ଟ ଅଫିସକୁ ମିଟିଙ୍ଗରେ ଯୋଗ ଦେବା ବାହାନାରେ ସୋରଡ଼ା ପୋଷ୍ଟ ଅଫିସକୁ ଆସିଥିବା ବେଳେ ମିଟିଙ୍ଗ ସାରି ପୋଲିସ ଥାନାକୁ ଯାଇଥିଲେ। କିନ୍ତୁ ପୋଲିସ ଥାନାର ଥାନା ଅଧିକାରୀ, କେଶରେ ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀଙ୍କୁ ଏସମ୍ପର୍କେ କୌଣସି ସହଯୋଗ କରିନଥିଲେ। ଗତ ଅଗଷ୍ଟ ମାସରେ ସୋରଡ଼ା ସବ ପୋଷ୍ଟ ଅଫିସର ଭାର ପ୍ରାପ୍ତ ସବ ପୋଷ୍ଟ ମାଷ୍ଟର ସୀତାରାମ ନାୟକ ଅଫିସରେ ଥିବା ବିଭାଗୀୟ ଟଙ୍କା ସତର ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ଆତ୍ମ ସାତ କରିଥିବା ଘଟଣାର ଛାପ ଲିଭି ନଥିଲା ବେଳେ ଏବଂ ପୋଲିସକୁ ତଦନ୍ତ ବେଳେ ଯାହାକିଛି ଆନୁସାଙ୍ଗିକ କାଗଜ ପତ୍ର ଆବଶ୍ୟକ, ସହଯୋଗ ଆବଶ୍ୟକ ତାହା ମିଳିନଥିବା ଜଣାପଡିଛି।

## ଧାନ ବୋଝେଇ ଗାଡ଼ି ଜବତ କଲା ପ୍ରଶାସନ

**କୁଚ଼ିଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

କୁଚ଼ିଣ୍ଡା ଉପଖଣ୍ଡରେ ଧାନ ମଣ୍ଡି ଆଗାମୀ ୨୮ ତାରିଖ ଠାରୁ ଆରମ୍ଭ ହେବ କିନ୍ତୁ ତାର ବହୁ ଆଗରୁ ବେପାରୀମାନେ ଚ଼ାଷୀଙ୍କ ଠାରୁ ଅଣ୍ଡରରେଟରେ ଧାନ କିଣା ଆରମ୍ଭ କରିଦେଇଥିବା ଅଭିଯୋଗ ହେଉଛି। ଗତ ସୋମବାର ବିନା କାଗଜପତ୍ରରେ ଧାନ ପରିବହନ କରୁଥିବା ଏକ ୧୬ ଚ଼କିଆ ଗାଡ଼ି ପ୍ରଶାସନ ଜବତ କରିବା ପରେ ଏହି ଅଭିଯୋଗରେ ସତ୍ୟତା ଥିବା ଜଣାପଡିଛି।



ପ୍ରାପ୍ତ ସୂଚ଼ନାରୁ ପ୍ରକାଶ ଯେ, ଗତ ସୋମବାର ଅପରାହ୍ନ ପ୍ରାୟ ପାଞ୍ଚଟା ସମୟରେ କୁଚ଼ିଣ୍ଡା ବ୍ଲକ ଅନ୍ତର୍ଗତ ଟାଇଁସର ଗ୍ରାମରୁ ଏକ ୧୬ ଚ଼କିଆ ଟ୍ରକ ନଂ ଓ ଆର ୧୪ ଆର ୦୭୭୫ ପ୍ରାୟ ୩୮୦ ବସ୍ତା ଧାନ ବୋଝେଇ କରି କୁଚ଼ିଣ୍ଡା ପଟକୁ ଆସୁଥିବା ବେଳେ ବେଆଇନ ଭାବେ ଧାନ ଚ଼ାଲାଣ ହେଉଥିବା ବାବଦରେ ଖବର ପାଇ କୁଚ଼ିଣ୍ଡା ତହସିଲଦାର ସରିତା ଓରାମ, ଏସିଏସଓ ରାଜକିଶୋର ସ୍ୱାଇଁ ପୋଲିସ ଦଳ ସହିତ ଆସି ଗାଡ଼ିକୁ ଅଟକାଇ ଧାନ ପରିବହନ ବାବଦରେ କାଗଜପତ୍ର ଦେଖାଇବା ପାଇଁ ଡ୍ରାଇଭରକୁ କହିବାରୁ ସେ କିଛି କାଗଜପତ୍ର ଦେଖାଇ ପାରି ନ ଥିଲେ। ଏଣୁ ଅଣ୍ଡରରେଟରେ ଧାନ କିଣା ଯାଇଥିବା ସନ୍ଦେହ କରି ତହସିଲଦାର ଗାଡ଼ିକୁ ଜବତ କରି କୁଚ଼ିଣ୍ଡା ଥାନାରେ ଜମା ଦେଇଥିଲେ। ଏଣେ ମଣ୍ଡି ଖୋଲି ନ ଥିବାରୁ ଏହି ଗାଡ଼ିଟି ଧାନ ବୋଝେଇ କରି କୁଆଡେ ଯାଉଥିଲା ତାକୁ ନେଇ ଜନସାଧାରଣରେ ନାନା ସନ୍ଦେହ ସୃଷ୍ଟି ହେଉଛି। ଏଣୁ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଆଇନ ଅନୁସାରେ କୋଠାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣ ସାଧାରଣରେ ଦାବି ହେଉଛି। ତେବେ ଘଟଣା ବାବଦରେ ମତାମତ ପାଇଁ ତହସିଲଦାର ସରିତା ଓରାମଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଚ଼ାଷୀଙ୍କ ଠାରୁ ଅଣ୍ଡରରେଟରେ ବେପାରୀ ମାନେ ଧାନ କିଣୁଥିବା ବାବଦରେ ବହୁ ଅଭିଯୋଗ ପାଇବା ପରେ ସୂଚ଼ନା ସଂଗ୍ରହ କରି ଏହି ଗାଡିକୁ ଧରା ଯାଇଛି ଏବଂ ଏହାର ସତତ୍ୟା ଜାଣିବା ପାଇଁ ଏକ ଟିମ୍ ଗଠନ କରି ତଦନ୍ତ କରାଯାଉଛି। ତଦନ୍ତ ରିପୋର୍ଟ ମିଳିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପ୍ରେମକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ଯଖପୁରା ଥାନା ଅନ୍ତର୍ଗତ ପାଙ୍କପାଳ ଗ୍ରାମରେ ପ୍ରେମ ପ୍ରସଙ୍ଗକୁ କେନ୍ଦ୍ର କରି ଏକ ଘାତକ ଘଟଣା ଘଟିଛି। ଗ୍ରାମର ଯୁବକ ଆକାର ଦଳାଇ (୩୨), ପିତା ଦିବଙ୍ଗତ କୈଳାସ ଦଳାଇ, ମଙ୍ଗଳବାର ଜଣେ ଅଞ୍ଚଳବାସୀଙ୍କ ଆଘାତରୁ ଗୁରୁତର ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଘଟଣାର ମୂଳରେ ରହିଛି ଜେନାପୁର ଥାନା ଅନ୍ତର୍ଗତ ରଖିଦେଇପୁର ଗ୍ରାମର ଅଟଳ ସେଠି। ସେ ନିଜ ପରିଚ଼ିତ ଦଳାଇଙ୍କ ଭଉଣୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିବାରୁ ଆକାର ଦଳାଇ ଏହାକୁ ବିରୋଧ କରୁଥିଲେ। ଏହି ନେଇ ଦୁଇ ଜଣଙ୍କ ମଧ୍ୟରେ ତୀବ୍ର ବଚ଼ସା ହେବା ପରେ ଅଟଳ ସେଠି କାଠ ଫାଳିଆ ଦ୍ୱାରା ଆକାରଙ୍କ ମୁଣ୍ଡର ପଛଭାଗକୁ ଜୋରଦାର ପ୍ରହାର କରିଥିବା ଅଭିଯୋଗ ଉଠିଛି। ଘଟଣା ଘଟିଥିଲା ମଙ୍ଗଳବାର ଦୁପର ୧.୩୦ରେ। ଆଘାତ ପରେ ଆକାର ପ୍ରାୟ ୨ ଘଣ୍ଟା ଧରି ଘଟଣାସ୍ଥଳରେ ସଂଜ୍ଞାହୀନ ଅବସ୍ଥାରେ ପଡିରହିଥିଲେ। ପରେ ମାମୁଁଘର ଲୋକେ ତାଙ୍କୁ ଅପରାହ୍ନ ୩ଟା ସମୟରେ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଚ଼ିକିତ୍ସା ପରେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ମେଡିକାଲକୁ ରେଫର କରାଯାଇଥିଲା। ବୁଧବାର ସକାଳେ, କଟକ ମେଡିକାଲରେ ଚ଼ିକିତ୍ସାଧୀନ ଅବସ୍ଥାରେ ଆକାର ଦଳାଇଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ମୃତକଙ୍କ ମା' ଲିଖିତ ଅଭିଯୋଗ ଉପରେ ଯଖପୁରା ଥାନା କେସ ନଂ ୧୭୧/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଘଟଣାସ୍ଥଳକୁ ଯାଇ ଇନଭେଷ୍ଟିଗେସନ୍ କରିଛି। ଅଭିଯୁକ୍ତ ଅଟଳ ସେଠି ଘଟଣା ପରେ ସେଠାରୁ ଫେରାର ହୋଇଯାଇଥିବାରୁ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ପୋଲିସ ତାଙ୍କୁ ଗିରଫ ପାଇଁ ଚେଷ୍ଟା ଜାରି ରଖିଛି। ସ୍ଥାନୀୟ ଅଞ୍ଚଳରେ ଏହି ଘଟଣା ନେଇ ଉତେଜନା ଏବଂ ଶୋକର ଛାୟା ଖେଳି ଯାଇଛି।

## ଆଦିବାସୀ ଓ ସଂଖ୍ୟାଲଘୁଙ୍କୁ ଆକ୍ରମଣ ବିରୋଧରେ ପ୍ରତିବାଦ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ଦଳିତ, ଆଦିବାସୀ, ମହିଳା ଓ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣ ବିରୋଧରେ ପ୍ରତିବାଦ ସଭା ଛତ୍ରପୁର ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ବରିଷ୍ଠ ଆଇନଜୀବି ଆଦିତ୍ୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରରେ ମୋଦି ନେତୃତ୍ୱ ବିଜେପି ସରକାର ଆସିଲା ପରେ ସାରା ଦେଶରେ ଦଳିତ, ମହିଳା ଆଦିବାସୀ ଓ ସଂଖ୍ୟାଲଘୁଙ୍କ ଉପରେ ଦିନକୁ ଦିନ ଆକ୍ରମଣ ବଢ଼ିବାରେ ଲାଗିଛି। ଆଜି ଦେଶର ମହିଳା, ଦଳିତ ସଂଖ୍ୟାଲଘୁ ସୁରକ୍ଷିତ ନୁହନ୍ତି, ଜାତି ଓ ଧର୍ମ ନାମରେ ଅରାଜକତା ବୃଦ୍ଧି ପାଉଛି। ଏକଛାତ୍ରବାଦୀ ଫାଶୀବାଦୀ ଶକ୍ତିକୁ ଦମନ କରିବା ପାଇଁ ଏହି ପ୍ରତିବାଦ ସଭାରେ ଆହ୍ୱାନ ଦିଆଯାଇଥିଲା। ଏହି ପ୍ରତିବାଦ ସଭାରେ ଗଞ୍ଜାମ ଜିଲ୍ଲା ଦଳିତ ନେତା ଗୁରୁନାଥ ପ୍ରଧାନଙ୍କ ନେତୃତ୍ୱରେ ସିପିଆଇ ଜିଲ୍ଲାସହ-ସମ୍ପାଦକ ନୀଳକଣ୍ଠ ଦାଶ, ଯୁବସଂଘ ରାଜ୍ୟସମ୍ପାଦକ କାମଦେବ ନାହାକ, ସଂଖ୍ୟାଲଘୁ ନେତା ମହମ୍ମଦ ଉସମ୍ମାନ, ସିକେନ୍ଦର ଖାନ, ଏସ.ତ୍ରିନାଥ ରେଡ୍ଡୀ ବରିଷ୍ଠ ନେତା ସିମାଞ୍ଚଳ ସାହୁ, ଏନ. ସୁକାନ୍ତ ଆଚ଼ାରୀ, ପ୍ରଫୁଲ୍ଲ ଜେନା ଲିଙ୍ଗରାଜ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ।




## ସରକାରୀ ନିୟମକୁ ଫୁ, ଅଙ୍ଗନଓ୍ୱାଡି କର୍ମୀଙ୍କ ମନମାନି

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କୁନି କୁନି ପିଲାମାନଙ୍କ ନିମନ୍ତେ ଅଙ୍ଗନଓ୍ୱାଡି କେନ୍ଦ୍ର ଖୋଲିଛନ୍ତି ହେଲେ ଏଭଳି ଏକ ଅଙ୍ଗନଓ୍ୱାଡି କେନ୍ଦ୍ର ରହିଛି ଯେଉଁ କେନ୍ଦ୍ରରେ ଅନିୟମିତତା ହେବା। ଅନେକ ସମୟରେ ବିଳମ୍ବରେ କେନ୍ଦ୍ର ଖୋଲା ଯିବା ସହ କର୍ମୀଙ୍କ ଦେଖାମିଳୁନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୁର୍ତ୍ତାଙ୍ଗ ପଞ୍ଚାୟତ ସ୍ଥିତ ଶିରିପୁର ଅଙ୍ଗନଓ୍ୱାଡି କେନ୍ଦ୍ରରେ ଓ ଏହି କେନ୍ଦ୍ରର ଅଙ୍ଗନଓ୍ୱାଡି କର୍ମୀ ଅମିତା ପ୍ରଧାନ ଓ ସହାୟିକା ୯.୨୭ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସି ନ ଥିଲେ। ଯାହା ଫଳରେ ୯ଟା ୨୭ ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ସରକାରଙ୍କ ନିୟମ ଅନୁଯାୟୀ ୯ଟାରେ କେନ୍ଦ୍ର ଖୋଲା ଯାଇ ୧ଟାରେ ବନ୍ଦ ହୋଇଥାଏ। ଯାହାକି ସରକାରଙ୍କ ନିୟମକୁ କେନ୍ଦ୍ରର କର୍ମୀ ଅମିତା ପ୍ରଧାନ ଓ ସହାୟିକା ଅଣଦେଖା କରିବା ସହ ସମ୍ପୂର୍ଣ୍ଣ ଭାବେ ଫୁ କରି ଦେଉଛନ୍ତି। ଏହି କେନ୍ଦ୍ରରେ କିଶୋରୀମାନଙ୍କ ଅଣ୍ଡା ଓ କୁନି କୁନି ପିଲାଙ୍କ ବାବଦକୁ ଅଣ୍ଡା ସଠିକ ଭାବେ ଦିଆଯାଉଛି କି ନାହିଁ ତାହା ତଦନ୍ତ କଲେ ଜଣାପଡିବ। ସେହିପରି ପିଲାମାନଙ୍କୁ ସକାଳ ଜଳଖିଆ ଓ ରୋଷେଇ ଖାଦ୍ୟ ସଠିକ ଭାବେ ଦେଉଛନ୍ତି କି ନାହିଁ ତାହା ତଦନ୍ତ ସାପେକ୍ଷ। ଦାୟିତ୍ୱରେ ଥିବା ସୁପର ଭାଇଜର କିପରି ଭାବେ ତଦନ୍ତ କରୁଛନ୍ତି ତାହାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ସେହିପରି ସିଡିପିଓ ଗୁରୁବାରୀ ସିଂହଙ୍କୁ ଯୋଗାଯୋଗ କରିବାରୁ ଯଦି କେହି ଅଙ୍ଗନଓ୍ୱାଡି କର୍ମୀ କି ସହାୟିକା କାର୍ଯ୍ୟରେ ଅବହେଳା କରିଥିବେ ତେବେ ମୋର ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ଜଣାଇବି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।




## କିଟ୍ ଓ ଆପୋଲୋ ଟାୟାର୍ସ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଟାୟାର ଟେକ୍ନୋଲୋଜି ପାଠ୍ୟକ୍ରମ ନେଇ କିଟ୍ ବିଶ୍ୱବିଦ୍ୟାଳୟ ଓ ଆପୋଲୋ ଟାୟାର୍ସ ମଧ୍ୟରେ ମଙ୍ଗଳବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏଥିରେ ସ୍ୱାକ୍ଷର କରିଥିବା ବେଳେ ଆପୋଲୋ ଟାୟାର୍ସ ପକ୍ଷରୁ ଫିଲ୍ଡ ଟେକ୍ନିକାଲ୍ ସର୍ଭିସ୍ ମୁଖ୍ୟ ଅନୀତ ଚାକୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏଭଳି ବୁଝାମଣା ଭାରତରେ ପ୍ରଥମ ଥର ପାଇଁ କୌଣସି ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହା ସହ ଟାୟାର ଟେକ୍ନୋଲୋଜିରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଚଳନ କରିବାରେ କିଟ୍ ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି। ଏହି ବୁଝାମଣା ଫଳରେ କିଟ୍ ଟାୟାର ବିଜ୍ଞାନ, ଟାୟାର ଡିଜାଇନ୍, ଉତ୍ପାଦନ, ପରୀକ୍ଷଣ ଏବଂ ସ୍ଥାୟିତ୍ୱକୁ ଅନ୍ତର୍ଭୁକ୍ତ କରୁଥିବା ଏକ ସ୍ୱତନ୍ତ୍ର ଇଚ୍ଛାଧୀନ ବିଷୟ ପ୍ରଦାନ କରିବ। ପୂର୍ବରୁ ଭାରତରେ ଏକ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଆନୁଷ୍ଠାନିକ ଭାବରେ ଏଭଳି ସଂପୃକ୍ତି ନଥିଲା ବୋଲି କୁହାଯାଉଛି।





ବୁଝାମଣା ଅନୁସାରେ ଆପୋଲୋ ଟାୟାର୍ସ ବିଶ୍ୱବିଦ୍ୟାଳୟକୁ ପାଠ୍ୟକ୍ରମ ବିକାଶ, ଅଧ୍ୟୟନ ସାମଗ୍ରୀ ପ୍ରସ୍ତୁତ ଏବଂ ନୂତନତମ ଶିଳ୍ପ ଧାରା ସହିତ ଶିକ୍ଷାଦାନକୁ ସମନ୍ୱିତ କରିବାରେ ସହାୟତା କରିବ। କମ୍ପାନୀର ବିଷୟବସ୍ତୁ ଉପରେ ବିଶେଷଜ୍ଞମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବେ। ଫଳରେ ଛାତ୍ରଛାତ୍ରୀମାନେ ବାସ୍ତବ-ବିଶ୍ୱ ଅଭ୍ୟାସ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ପରିଚିତ ହେବେ। ଏହି ଅବସରରେ ପ୍ରଫେସର ସିଂହ ସୂଚନା ଦେଇ କହିଲେ, ଏହା ହେଉଛି ଭାରତର ପ୍ରଥମ ଓ ସ୍ୱତନ୍ତ୍ର ଢ଼ଙ୍ଗର ବୁଝାମଣା। ବର୍ତ୍ତମାନ ସୁଦ୍ଧା ପ୍ରାୟ କୌଣସି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଟାୟାର ଉତ୍ପାଦନ ଉପରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଦାନ କରିନାହିଁ। ଆପୋଲୋ ଟାଇର୍ସର ଉତ୍ପାଦ ବିକାଶ ମୁଖ୍ୟ ପ୍ରଶାନ୍ତ କୁମାର ଏସ୍. କହିଲେ, ଏହି ବୁଝାମଣାପତ୍ର ଛାତ୍ରମାନଙ୍କୁ ଗଭୀର ଶିଳ୍ପ-ସମର୍ଥିତ ଦକ୍ଷତା ପ୍ରଦାନ କରି ସେମାନଙ୍କ ନିଯୁକ୍ତି ଯୋଗ୍ୟତା ଭାଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ଏହି ବୁଝାମଣା ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହା କିଟ୍ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ଓ ପାଠ୍ୟକ୍ରମରେ ଏକ ନୂତନ ଅଧ୍ୟାୟ ଯୋଡ଼ିବ ବୋଲି କହିଛନ୍ତି।

## ବାଣିଜ୍ୟ

## ୧୫ ହଜାରରୁ ଅଧିକ ରୋଜଗାର କରୁଥିବା ଲୋକ ପାଇବେ ପେନସନ !

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

କର୍ମଚ଼ାରୀ ଭବିଷ୍ୟନିଧି ପାଣ୍ଠି ଅଧୀନରେ ପେନସନ କଭରେଜକୁ ବିସ୍ତାର କରିବା ପାଇଁ ସରକାର ବିଚ଼ାର ଆରମ୍ଭ କରିଛନ୍ତି। ଆର୍ଥିକ ସେବା ବିଭାଗ ସଚ଼ିବ ଏମ. ନାଗରାଜୁ କହିଛନ୍ତି ଯେ ଜନସଂଖ୍ୟାକୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ବାଧ୍ୟତାମୂଳକ ପେନସନ କଭରେଜ ପାଇଁ ମାସିକ ୧୫,୦୦୦ ଦରମା ସୀମା ଆବଶ୍ୟକ। ସେ କହିଛନ୍ତି ଯେ ଏହା 'ଅତ୍ୟନ୍ତ ଖରାପ' ଯେ କିଛି ଲୋକ, ବିଶେଷକରି ଘରୋଇ କ୍ଷେତ୍ରରେ କାମ କରୁଥିବା ଲୋକମାନେ, ଯେଉଁମାନେ ମାସିକ ୧୫,୦୦୦ରୁ ଅଧିକ ରୋଜଗାର କରନ୍ତି, ସେମାନଙ୍କର କୌଣସି ପେନସନ କଭରେଜ ନାହିଁ ଏବଂ ବୟସ ବଢ଼ିବା ସହିତ ସେମାନଙ୍କ ପିଲାମାନଙ୍କ ଉପରେ ନିର୍ଭରଶୀଳ ହୋଇଯାଆନ୍ତି।




ନାଗରାଜୁ ବ୍ୟାଖ୍ୟା କରିଛନ୍ତି ଯେ ମାସିକ ୧୫୦୦୦ରୁ କମ୍ ରୋଜଗାର କରୁଥିବା ଲୋକଙ୍କ ପାଇଁ ଇପିଏଫ (କର୍ମଚ଼ାରୀ ଭବିଷ୍ୟନିଧି ପାଣ୍ଠି) ବ୍ୟବସ୍ଥାରେ ପଞ୍ଜୀକରଣ ବାଧ୍ୟତାମୂଳକ। ତଥାପି, ୧୫୦୦୦ରୁ ଅଧିକ ରୋଜଗାର କରୁଥିବା ଲୋକଙ୍କ ପାଇଁ ଏହା ବାଧ୍ୟତାମୂଳକ ନୁହେଁ। ଆମକୁ ଏହା ବିଚ଼ାର କରିବାକୁ ପଡିବ। ଆମକୁ ବିଚ଼ାର କରିବାକୁ ପଡିବ ଯେ ଯେଉଁମାନେ ଟିକିଏ ଅଧିକ ରୋଜଗାର କରନ୍ତି ସେମାନଙ୍କ ଭବିଷ୍ୟତକୁ କିପରି ସୁରକ୍ଷିତ କରାଯାଇପାରିବ ଯାହା ଦ୍ୱାରା ସେମାନଙ୍କର ଭବିଷ୍ୟତ ସୁରକ୍ଷିତ ରହିବ ଏବଂ ବୃଦ୍ଧାବସ୍ଥାରେ ସେମାନଙ୍କ ପିଲାମାନଙ୍କ ଉପରେ ନିର୍ଭରଶୀଳ ନହେବେ, ସେ କହିଛନ୍ତି।

ଶିଳ୍ପ ସଂଗଠନ ସିଆଇଆଇ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅର୍ଥ ସଚ଼ିବ ଏହି ପେନସନ ଅସମାନତାକୁ ଏକ ଅସଙ୍ଗତି ବୋଲି ବର୍ଣ୍ଣନା କରିଥିଲେ। ସେ କହିଛନ୍ତି ଯେ ଏହା ସରକାରଙ୍କ ସର୍ବାଧିକ ସଂଖ୍ୟକ ଲୋକଙ୍କୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟର ବିରୁଦ୍ଧାଚ଼ରଣ କରେ। ନାଗରାଜୁ କହିଛନ୍ତି ଯେ ସରକାର-ସମର୍ଥିତ ଅଟଳ ପେନସନ ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ୮୩ ନିୟୁତରେ ପହଞ୍ଚିଛି, ଏବଂ ସେମାନଙ୍କ ମଧ୍ୟରୁ ୪୮ ପ୍ରତିଶତ ମହିଳା। ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଧୀନରେ ଅସଂଗଠିତ କ୍ଷେତ୍ରର ଲୋକଙ୍କ ସମେତ ଅଧିକ ଲୋକଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କ ପ୍ରୟାସ ଭବିଷ୍ୟତରେ ଜାରି ରହିବ।

## ଖଣ୍ଡପଡ଼ା ବ୍ଲକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ଖଣ୍ଡପଡ଼ା, ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା ବିଶ୍ୱରଞ୍ଜନ ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ସାସଂଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ନୟାଗଡ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ବସନ୍ତ କୁମାର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ, ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ନୟାଗଡ କୃଷି ବିଜ୍ଞାନ କେନ୍ଦ୍ର ଅଧିକାରୀ ଅନିଲ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଡା ରାଜଶ୍ରୀ ବିଶୋଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡିକ ସଂପର୍କରେ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ସବିଶେଷ ସୂଚନା ପ୍ରଦାନ କରିବା ସହ ସମସ୍ତ ଲୋକହିତକର ଯୋଜନାଗୁଡିକର ସଫଳ ରୁପାୟନ ନେଇ ଅଞ୍ଚଳବାସୀ ଓ ପଞ୍ଚାୟତ ଜନପ୍ରତିନିଧିମାନଙ୍କ ସହଯୋଗ କାମନା କରିଥିଲେ। ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନାଗୁଡିକ କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିବାର ମହତ ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ସଂପର୍କରେ ଅତିଥିମାନେ ମତ ଦେଇଥିଲେ। ପାଲା କଳାକାରମାନଙ୍କ ଦ୍ୱାରା ସଚେତନ ଧର୍ମୀ ନାଟକ ଜୀବନ ଓ ଜୀବିକା ମଞ୍ଚସ୍ଥ ହୋଇଥିଲା। ଖଣ୍ଡପଡ଼ା ବ୍ଲକର ଶ୍ରେଷ୍ଠ ପ୍ରାଣୀ ସମ୍ପଦ କୃଷକ ଭାବେ ଯମୁନା ବେହେରା, ତୁଳସୀ ବାଳିଆ, ନିର୍ମଳା ନାୟକଙ୍କ ସହ ରୟତ ଡୋଳମରା ଗ୍ରାମର ମା ତାରିଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ପୁରସ୍କାର ବାବଦରେ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିପରି ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟ ଚ଼ଷ ନିମନ୍ତେ ସୋନାଲି ମଲ୍ଲ, ହର୍ଷ ରାଉତ, ପ୍ରମିଳା ଜେନାଙ୍କ ସମେତ ନଟବରପୁରଶାସନ ଗ୍ରାମର ମା ଭଗବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏ ଅବସରରେ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିପରି ମତ୍ସ୍ୟ ଚ଼ଷ ନିମନ୍ତେ କଣ୍ଟିଲୋ ଅଞ୍ଚଳର ଅନନ୍ୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ପୁରସ୍କାର ବାବଦରେ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶେଷରେ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଦେବାଶିଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ କର୍ମଚ଼ରୀ ଓ ବ୍ଲକ କର୍ମଚ଼ରୀମାନେ କାର୍ଯ୍ୟକ୍ରମ ପରିଚ଼ଳନାରେ ସହଯୋଗ କରିଥିଲେ। ଏ ଅବସରରେ ୧୨ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଖଣ୍ଡପଡ଼ା ବ୍ଲକ ଅଧିନ ୨୨ଟି ପଞ୍ଚାୟତରୁ ମହିଳାଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ।

## ପୌର ପରିଷଦସ୍ତରର 'ପରବ'

**କୋରାପୁଟ, ଏକ୍ସପ୍ରେସ୍ ନ୍ୟୁଜ୍**

ଆଦିବାସୀ ସଂସ୍କୃତି, ସ୍ଥାନୀୟ ଐତିହ୍ୟ ଓ ଲୁକ୍କାୟିତ ପ୍ରତିଭାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପୌରପରିଷଦ ସ୍ତରର ପରବ–୨୦୨୫ ରବିବାର ଠାରୁ ଆରମ୍ଭ ହୋଇଛି। ପ୍ରଥମେ ମା ମୁତ୍ୟାଲମା ମନ୍ଦିରରେ ବିଶେଷ ପୂଜା ପାଳିତ ହେଲା। ତାପରେ ମଶାଲ ଶୋଭାଯାତ୍ରା ସହରର ବିଭିନ୍ନ ମୁଖ୍ୟ ସଡକ ପରିକ୍ରମା କଲା। ଏହି ଶୋଭାଯାତ୍ରାରେ ପୌରପରିଷଦର ଅଧିକାରୀ, ପଦାଧିକାରୀ ସହ ଅନେକ ସାଧାରଣ ଲୋକ ଅଂଶଗ୍ରହଣ କରିଥିଲେ। ୧୯ରୁ ୨୧ ନଭେମ୍ବର ପର୍ଯ୍ୟନ୍ତ କୋରାପୁଟ ଟାଉନ୍ ହଲ୍‌ରେ ଲୋକନୃତ୍ୟ, ଗୀତ-ସଙ୍ଗୀତ, ସାସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଭା ପ୍ରଦର୍ଶନୀ ଆୟୋଜିତ ହେବ। ପୌରପରିଷଦ ସୂତ୍ରର କଥାନୁସାରେ, ସହରର ଲୁକ୍କାୟିତ ପ୍ରତିଭାକୁ ଚ଼ିହ୍ନଟ କରି ମଞ୍ଚ ପ୍ରଦାନ କରିବା ହିଁ ଏହି ପରବର ପ୍ରଧାନ ଲକ୍ଷ୍ୟ। ଉଦଘାଟନ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, କୋରାପୁଟ ବିଧାୟକ ରଘୁରାମ ମାଛ, ପୌରାଧକ୍ଷ ଲଲାଟ ରଞ୍ଜନ ସେଠି,ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ପୌରାଉପାଧକ୍ଷ ସବିତା ପଣ୍ଡା ସହ କାଉଁସିଲରମାନେ ଉପସ୍ଥିତ ଥିଲେ।

## 'ଧୁରନ୍ଧର୍'ର ଦମଦାର ଟ୍ରେଲର ରିଲିଜ୍

**ସିନେମାଫିନେମା ଟିଭିଫିବି**

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଆସନ୍ତା ମାସ ସିନେମାଘରକୁ ଆସିବ ରଣବୀର ସିଂହଙ୍କ 'ଧୁରନ୍ଧର୍'। ଫିଲ୍ମର ଏକ ଦମଦାର ଟ୍ରେଲର୍ ମଙ୍ଗଳବାର ସୋସିଆଲ ମିଡିଆରେ ରିଲିଜ୍ ହୋଇଛି। ମୁଖ୍ୟ ଭୂମିକାରେ ଅଛନ୍ତି ଅର୍ଜୁନ ରାମପାଲ, ଆର୍ ମାଧବନ, ସଞ୍ଜୟ ଦତ୍ତ ଓ ଅକ୍ଷୟ ଖନ୍ନା। ଏ ସମସ୍ତ ଷ୍ଟାର୍ ଫ୍ୟାନଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି, କିନ୍ତୁ ଫିଲ୍ମର ଲିଡ୍ ଲେଡି ସାରା ଅର୍ଜୁନଙ୍କ ବିଷୟରେ ଜାଣିବାକୁ ସମସ୍ତେ ଉତ୍ସାହିତ।

୨୦୦୫ରେ ଜନ୍ମିତ ସାରା ଅର୍ଜୁନ ଲୋକପ୍ରିୟ ଅଭିନେତା ରାଜ୍ ଅର୍ଜୁନଙ୍କ ଝିଅ। ମାତ୍ର ୧୮ ମାସ ବୟସରେ ଏକ ଟିଭି ବିଜ୍ଞାପନ ଜରିଆରେ ସେ ପରଦାକୁ ଆସିଥିଲେ। ପରେ ୧୦୦ରୁ ଅଧିକ ବିଜ୍ଞାପନରେ କାମ କରି ସେ ଜଣେ ଚ଼ର୍ଚ୍ଚିତ ଶିଶୁ କଳାକାର ହୋଇଗଲେ। ମାତ୍ର ୬ ବର୍ଷ ବୟସରେ ତାମିଲ ଫିଲ୍ମ 'ଦେବା ଥିରୁମଗଲ'ରେ ତାମିଲ ସୁପରଷ୍ଟାର ବିକ୍ରମଙ୍କ ଝିଅ ନୀଳା ଭୂମିକାରେ ଅଭିନୟ କରି ସେ ଖୁବ୍ ଖ୍ୟାତି ଅର୍ଜନ କଲେ। ୨୦୧୩ରେ ମୁକ୍ତିପ୍ରାପ୍ତ 'ଏକ୍ ଥୀ ଡାୟନ୍' ଜରିଆରେ ସାରା ବଲିଉଡରେ ଏଣ୍ଟ୍ରି କରିଥିଲେ।

ତାଙ୍କର କିଛି ଉଲ୍ଲେଖନୀୟ ଫିଲ୍ମ ମଧ୍ୟରେ 'ଶୈବମ୍', 'ସାଣ୍ଡ୍ କି ଆଁଖ୍' ଓ 'ପୋନିୟିନ ସେଲଭମ୍' ସିରିଜ୍ ଆଦି ଅନ୍ୟତମ । 'ଧୁରନ୍ଧର୍'ର ଟ୍ରେଲର୍ ଲଞ୍ଚ୍ ଅବସରରେ ସାରା ଫିଲ୍ମରେ କାମ କରିବାର ନିଜ ଅନୁଭବ ଶେୟାର କରିଛନ୍ତି। ଫିଲ୍ମରେ ତାଙ୍କୁ ସୁଯୋଗ ଦେଇଥିବାରୁ ସମସ୍ତଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଫିଲ୍ମର ନିର୍ଦ୍ଦେଶକ ଆଦିତ୍ୟ ଧର୍ କହିଛନ୍ତି, ସାରାଙ୍କୁ ଚ଼ୟନ କରିବା ପୂର୍ବରୁ ଫିଲ୍ମ ଟିମ୍ ପ୍ରାୟ ୧୩୦୦ ଅଡିସନ୍ ନେଇଥିଲେ। ସାରା ଜଣେ ଚ଼ମତ୍କାର କଳାକାର। ସେ ଦିନେ ରକଷ୍ଟାର ହେବେ। ବାସ୍ତବ ଜୀବନର ଘଟଣାବଳୀ ଉପରେ ଆଧାରିତ ଏହି ଫିଲ୍ମ ଆସନ୍ତା ଡିସେମ୍ବର ୫ରେ ମୁକ୍ତିଲାଭ କରିବ।



# ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଚାଷୀ ଅସନ୍ତୁଷ୍ଟ

**୧୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**




ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଜୋର୍ ଧରିଛି । ଜିଲାରେ ଗତମାସ ଶେଷ ସପ୍ତାହରୁ ଏହା ଚାଲିଛି । କିନ୍ତୁ ଏପର୍ଯ୍ୟନ୍ତ ଜିଲା ପ୍ରଶାସନ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରି ନାହିଁ । ଚଳିତ ମାସ ଶେଷ ସପ୍ତାହ ଅର୍ଥାତ୍ ଆସନ୍ତା ୨୮ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଭଳି ସ୍ଥଳେ ଚାଷୀଙ୍କ ଅମଳ ଧାନ କ୍ଷେତ, ଖଳାରେ ଖୋଲା ଆକାଶତଳେ ପଡ଼ି ରହିଛି । ମଣ୍ଡି ଖୋଲି ନଥିବାରୁ ଚାଷୀମାନେ ଶୀତ, କାକର ସହି ସେହି ଧାନକୁ ଜଗି ରହିଛନ୍ତି । ଏଭଳି ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ି ଚାଲିଥିବାବେଳେ ଏହାକୁ ନେଇ ଆନ୍ଦୋଳନ ମଧ୍ୟ ତେଜି ଉଠିଛି । ଏହି କ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯାଇ ନଥିଲେ ସୁଦ୍ଧା ମଙ୍ଗଳବାର ବରଗଡ଼ ବ୍ଲକ କଳାପାଣି ମଣ୍ଡିରେ ଚାଷୀମାନେ ବିକ୍ରି ପାଇଁ ଅମଳ ଧାନ ପୂରାଇଛନ୍ତି । ଏହା ଏବେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି ।

ସୂଚନା ଅନୁଯାୟୀ, ବରଗଡ଼ ଜିଲାରେ ସାଧାରଣତଃ ନଭେମ୍ବର ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ସୁଦ୍ଧା ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥାଏ । ମାତ୍ର ଏଥର ପ୍ରଥମଥର ପାଇଁ ନଭେମ୍ବର ମାସ ଶେଷ ସପ୍ତାହରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି । ଏଭଳି ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି । ଗୋଟିଏ ପଟେ ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି । ଅନ୍ୟପଟେ ଜିଲାର ବିଭିନ୍ନ ରାଇସ୍ ମିଲ୍‌ରେ ବିଗତବର୍ଷର ଚାଉଳ ପୂରି ରହିଛି ଏବଂ ସେହି ଚାଉଳ ଉଠା ନଗଲେ ଧାନ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ କରିବ ନାହିଁ ବୋଲି ମିଲର୍ସ ଆସୋସିଏଶନ ଆଗରୁ ଖବରଦାତା ସମ୍ମିଳନୀରେ ରୋକ୍‌ଠୋକ୍ ଶୁଣାଇ ସାରିଛି । ସେହିପରି ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ସେଭଳି ଦୂରଦୃଷ୍ଟିହୀନତାକୁ ନେଇ ବିଭିନ୍ନ ଚାଷୀ ସଂଗଠନ ସମେତ ବିରୋଧୀ ବିଜେଡି ମଧ୍ୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି । ଏହାସତ୍ତ୍ୱେ ଧାନବିକ୍ରିରୁ ବଞ୍ଚିତ ଚାଷୀଙ୍କୁ ପଞ୍ଜୀକୃତ କରାଯାଇ ନଥିବାବେଳେ ଜିଲାର ରାଇସ୍ ମିଲ ଗୁଡ଼ିକରୁ ମଧ୍ୟ ଚାଉଳ ଖାଲି କରାଯାଇ ନାହିଁ । କେବଳ ଜିଲାରେ ରହିଥିବା ଶାସକ ଦଳର ବିଧାୟକମାନେ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି । ହେଲେ ସମସ୍ୟାର ସମାଧାନ ହୋଇପାରି ନାହିଁ ଏବଂ ତାହା କେବଳ ଆଲୋଚନାରେ ସୀମିତ ରହିଛି ।

ଅପରପକ୍ଷେ ଧାନବିକ୍ରି ସମସ୍ୟାକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଚାଲିଥିବା ଧାରଣା ମଙ୍ଗଳବାର ନବମ ଦିବସରେ ପହଞ୍ଚିଛି । ଜିଲାର ବିଭିନ୍ନ ବ୍ଲକର ଚାଷୀମାନେ ହକ୍ ଦାବିରେ ଧାରଣାରେ ସାମିଲ ହୋଇଛନ୍ତି । ଶୀତ, କାକରରେ ସମସ୍ତେ ଧାରଣାରେ ବସିଛନ୍ତି । କେତେବେଳେ ଧାରଣାସ୍ଥଳରେ ଚାଷୀମାନେ ମାଣବସା ଗୁରୁବାର ପାଳନ କରୁଛନ୍ତି ତ ଆଉକେବେ ରାତିରେ କୀର୍ତ୍ତନ କରି ଅଭିନବ ପ୍ରତିବାଦ କରୁଛନ୍ତି ଏବଂ ଧାନବିକ୍ରି ପାଇଁ ସେମାନଙ୍କୁ ତୁରନ୍ତ ପଞ୍ଜୀକୃତ କରିବାକୁ ସେମାନେ ଦାବି କରୁଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହୋଇ ନାହିଁଛ ଏଭଳି ସ୍ଥିତିରେ କଳାପାଣି ଅଞ୍ଚଳର ୪ଜଣ ଚାଷୀ ମଙ୍ଗଳବାର ସ୍ଥାନୀୟ ମଣ୍ଡିକୁ ପ୍ରାୟ ୬୦୦ ପ୍ୟାକେଟ୍ ଧାନ ପୂରାଇଥିଲେ । ଅଞ୍ଚଳର ଚାଷୀନେତା ଏକାଦଶିଆ ସାହୁ, ସୁରେଶ ନେକାଣ୍ଡି ପ୍ରମୁଖ ଉପସ୍ଥିତ ରହି ମଣ୍ଡିକୁ ଧାନ ପ୍ରବେଶ ସମୟରେ ପୂଜାର୍ଚ୍ଚନା କରିଥିଲେ ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର– ଅମାବାସ୍ୟା |
|---|---|
| ୨୦.୧୧.୨୦୨୫ | ନକ୍ଷତ୍ର– ବିଶାଖା, ବିଛାଚନ୍ଦ୍ର |



| | | |
|---|---|---|
| ମେଷ | : | ହୃଦ୍‌ଘାତ ସମସ୍ୟା ଦେଖାଦେଇପାରେ । |
| ବୃଷ | : | ସ୍ତ୍ରୀଙ୍କ ସହଯୋଗ ଲାଭ କରିବେ । |
| ମିଥୁନ | : | ବକେୟା ପଡ଼ିଥିବା ଅର୍ଥ ଲାଭ ହେବ । |
| କର୍କଟ | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ସିଂହ | : | ଆଘାତଜନିତ ସମସ୍ୟା ଭୋଗିବେ । |
| କନ୍ୟା | : | ବ୍ୟବସାୟରେ ଲାଭବାନ ହେବେ । |
| ତୁଳା | : | ଆର୍ଥିକ କ୍ଷତି ସହିବେ । |
| ବିଛା | : | ଭୂମିଲାଭର ସୂଚନା ଅଛି । |
| ଧନୁ | : | ଅଶାନ୍ତି ବୃଦ୍ଧି ପାଇବ । |
| ମକର | : | ସହଯୋଗ ପ୍ରାପ୍ତି ହେବେ। |
| କୁମ୍ଭ | : | ନୂତନ ଚୁକ୍ତି ସ୍ୱାକ୍ଷରିତ କରିବେ । |
| ମୀନ | : | ଅନୁଶୋଚନା କରିବେ । |

## ସଞ୍ଜ ନଇଁଲେ ମଦ ର ବନ୍ୟା

**ନିଆଳି, ୧୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସନ୍ଧ୍ୟା ହେଲେ ନିଆଳି ଅଞ୍ଚଳରେ ଛୁଟୁଛି ମଦ'ର ବନ୍ୟା । ଗାଁ ଗହଳିରେ ଚାଲିଛି ଲୁଚାଛପା ମଦ ବେପାର । ସରକାରୀ ମଦ ଦୋକାନରୁ ଯେତିକି ବିକ୍ରୟ ହେଉଛି ତାହା ଠାରୁ କାହିଁ ଅଧିକ ବେପାର କରୁଛନ୍ତି ଏହି ଅଞ୍ଚଳର ଚୋରା ମଦ ବେପାରୀମାନେ । ଅବକାରୀ ବିଭାଗ ମୋଟା ଅଙ୍କର ହାତଗୁଞ୍ଜା ଚୋରା ମଦ ବେପାରୀଙ୍କଠାରୁ ନେଉଥିବା ସାଧାରଣ ରେ ଅଭିଯୋଗ ହେଉଛି । ଚୋରା ବେପାରୀ ମାନେ ମଧ୍ୟ ବଟି ଓ ନିଜ ଲାଭ ବାବଦକୁ ଗୋଟେ ବୋତଲ ପିଛା ୧୦/୨୦ ଟଙ୍କା ଅଧିକ ଦାମରେ କିକ୍ରୟ କରୁଥିବା ଦେଖିବାକୁ ମିଳୁଛି । ଅଞ୍ଚଳର ପଳସୁଧା, ଏରଞ୍ଚ, ଖରି ବିଲି, ପତ୍ର କଣା, ବରିସଣ, ପନିମାଳ, କାଳିଆ ଘାଇ. ନୂଆଗାଁ. ମାଧବ, ପହଙ୍ଗା, ବିଳାଶୁଣୀ, ବିନିସିପୁର ଆଦି ବିଭିନ୍ନ ସ୍ଥାନରେ ଦେଶୀ ଓ ବିଦେଶୀ ମଦର ଚୋରା କାରବାର ବଢି ବଢି ଚାଲିଥିଲେ ମଧ୍ୟ ଅବକାରୀ ବିଭାଗ କୁମ୍ଭକର୍ଣ୍ଣ ନିଦରେ ଚେଇଁ ଶୋଇଛି । ଛୋଟ ଛୋଟ ପିଲାମାନଙ୍କ ସମେତ ବୟସ୍କ ଲୋକମାନେ ସନ୍ଧ୍ୟା ହେଲେ ମାତାଲ ହୋଇ ବଜାର ଘାଟରେ ବୁଲୁଥିବାର ଦେଖିବାକୁ ମିଳୁଛି । ମଦ ପିଇ ଲୋକମାନେ ଚାଷ ଜମିରେ ବୋତଲ ଫିଙ୍ଗୁଥିବାରୁ ଚାଷୀମାନେ ଚାଷକାର୍ଯ୍ୟ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯୋଉଁଥିପାଇଁ ଏହି ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢିବଢି ଚାଲିଛି । ମାତାଲଙ୍କ ପାର୍ଦୁଭାବ ଯୋଗୁ ଝିଅ ବୋହୂ ମାନେ ରାସ୍ତାଘାଟରେ ଯାତାୟାତ କରିବା ଅସମ୍ଭବ ହୋଇପଡିଲାଣି । ବିଶେଷ କରି ଏହି ଚୋରା ମଦ ବେପାରୀଙ୍କୁ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀ ବେଶୀ ପ୍ରେତ୍ସାହନ ଦେଉଥିବା ଶୁଣିବାକୁ ମିଳୁଛି । ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି ।

## ଯୁବତୀଙ୍କୁ ପ୍ରତାରଣା କରି ବନ୍ଧା ହେଲେ ଯବାନ

**ନୟାଗଡ଼ : ଏକ୍ସପ୍ରେସ୍ ନ୍ୟୁଜ୍**

ମହଙ୍ଗା ପଡିଲା ଲଭ୍, ସେକ୍ସ ଆଉ ଧୋକା । ଯୁବତୀଙ୍କ ସହ ପ୍ରେମ ପ୍ରତାରଣା କରିଥିବା ଅଭିଯୋଗରେ ଏୟାର ଫୋର୍ସର ଜଣେ ଯବାନଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଯବାନ ଜଣକ ନୟାଗଡ ଇଟାମାଟି ଅଞ୍ଚଳର ଗୋଲକ ବିହାରୀ ଦୀକ୍ଷିତ । ଗୋଲକ ବିହାରୀଙ୍କୁ ବଡଗଡ ଥାନା ପୁଲିସ୍ ଭୁବନେଶ୍ୱର ମାର୍କେଟ୍ ବିଲ୍ଡିଂ ଅଞ୍ଚଳରୁ ଗିରଫ କରିଛି । ସେ ଲଦାଖରେ କାର୍ଯ୍ୟରତ ଥିଲେ । ବଡଗଡ ଥାନା ଅଞ୍ଚଳରେ ରହୁଥିବା ଯୁବତୀଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରାଯାଇଛି । ବିଜେବି କଲେଜରେ ପାଠ ପଢୁଥିବା ସମୟରେ ଅଭିଯୋଗକାରିଣୀଙ୍କ ସହ ଗୋଲକଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା । ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହେବାରେ ଲାଗିଥିଲା । ପରେ ଗୋଲକ ବିହାରୀ ପ୍ରତାରିତ କରିଥିବା ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ ପୀଡ଼ିତା । ଅଭିଯୋଗ ଆଧାରରେ ବଡ଼ଗଡ଼ ଥାନା ପୁଲିସ୍ ତାଙ୍କୁ ଗିରଫ କରିଛି । ବିଏନଏସ୍‌ର ବିଭିନ୍ନ ଧାରାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଆସନ୍ତାକାଲି ଅଭିଯୁକ୍ତ ଜଣକ ଲଦାଖ ଯିବାକୁ ଯୋଜନା କରୁଥିବାବେଳେ ପୁଲିସ୍ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି ।

## ପାଣିରେ ବୁଡ଼ି ଶିଶୁକନ୍ୟା ମୃତ

**ରାଜନଗର, ୧୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା କୃଷ୍ଣନଗର ପଞ୍ଚାୟତ ବାଘୁଆ ଗ୍ରାମରେ ତିନିବର୍ଷର ଶିଶୁକନ୍ୟା ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଛି । ଏହି ଗ୍ରାମର ରବିନ୍ଦ୍ର ଭୂୟାଁଙ୍କ ଝିଅ ଚାନ୍ଦିନୀ ଅଙ୍ଗନୱାଡ଼ିରୁ ବୁଧବାର ମଧ୍ୟାହ୍ନରେ ଘରକୁ ଫେରିଥିଲା । ସମସ୍ତଙ୍କ ଅଲକ୍ଷ୍ୟରେ ଘର ପଛରେ ଥିବା ପୋଖରୀକୁ ଖସିପଡ଼ି ବୁଡି ଯାଇଥିଲା । ଚାନ୍ଦିନୀକୁ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ସନ୍ଦେହରେ ପୋଖରୀରେ ଖୋଜି ପାଇଥିଲେ । ସେଠାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକୁ ପରିବାର ଲୋକ ଆଣିଥିଲେ ମଧ୍ୟ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି ।

## ମୁଖ୍ୟମନ୍ତ୍ରୀଙ୍କ ୯ଟି ଟାସ୍କ : ଯାଜପୁର ଜିଲ୍ଲାରେ କେତେ ପ୍ରଭାବ?

# ସରକାରୀ ଅଧିକାରୀଙ୍କ ମଧ୍ୟରେ ବଢ଼ିଲା ଚିନ୍ତା

**କଳିଙ୍ଗନଗର, ୧୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ଘୋଷିତ ୯ଟି ଟାସ୍କ ଏବେ ସମସ୍ତ ଜିଲ୍ଲାପାଳଙ୍କ ପାଇଁ ନୂଆ ଦାୟିତ୍ୱ, ଦୃଢ଼ ନିର୍ଦ୍ଦେଶ ଓ ପ୍ରେସର ତିଆରି କରିଛି । ବିଶେଷକରି ଯାଜପୁର ଜିଲ୍ଲା–ଯେଉଁଠାରେ ଶିଳ୍ପ, ମାଇନ୍ସ, ପ୍ରବାସୀ ଶ୍ରମିକ ସମସ୍ୟା, ମାଇନର ମିନରେଲ୍ସ, ତହସିଲି ଅଭିଯୋଗ, ଏବଂ ବର୍ଷ ବର୍ଷ ଧରି ଚାଲିଥିବା 'ପିସି କାରବାର' ନିୟେ ଲୋକଙ୍କ ମଧ୍ୟରେ ଅସନ୍ତୋଷ–ସେଠାରେ ଏହି ୯ଟି ଟାସ୍କ ଖୁବ ଚର୍ଚ୍ଚା ସୃଷ୍ଟି କରିଛି । ମୁଖ୍ୟମନ୍ତ୍ରୀଙ୍କ ନୂଆ ୯ଟି ନିର୍ଦ୍ଦେଶ, ଦୁର୍ନୀତି ପ୍ରତି ଶୂନ୍ୟ ସହିଷ୍ଣୁତା, କ୍ଷେତ୍ର ପରିଦର୍ଶନ ବଢ଼ାଇ ଲୋକ ସମସ୍ୟା ସମାଧାନ, ଓଡ଼ିଆରେ ସରକାରୀ ବିଜ୍ଞାପନ, ସୋସିଆଲ୍ ମିଡିଆରେ ସରକାରୀ ସୂଚନା ପ୍ରଚାର, ଗାଦି ମଡ଼ା ବାବୁ'ଙ୍କୁ ଚିହ୍ନଟ କରି ତୁରନ୍ତ ବଦଳୀଡାକ ଶୁଣାଣିକୁ ଗୁରୁତ୍ୱ,କାର୍ଯ୍ୟରେ ଟେକ୍ନୋଲୋଜି ଆଧାରିତକୁ ଗୁରୁତ୍ୱ, ଫିଲ୍ଡ ଭିଜିଟ୍‌ରେ ପ୍ରାଥମିକତା ଲୋକଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖି ସମସ୍ୟା ସମାଧାନ, ଯାଜପୁରରେ ବଢ଼ିଲା ଅଧିକାରୀମାନଙ୍କ ଚିନ୍ତା, ଯାଜପୁର ଜିଲ୍ଲା–ମାଇନ୍ସ, ଶିଳ୍ପ ଓ ପିସି କାରବାର କୁ ନେଇ ଯେପରି ଚର୍ଚ୍ଚିତ–ସେଠାରେ ଏବେ ସମସ୍ତ ବିଭାଗ ଆତ୍ମସତର୍କ ଅବସ୍ଥାରେ । ତହସିଲ, ଆର୍‌ଆଇ ସର୍କଲ, ମାଇନ୍ସ, ରୋଡ୍ସ ଆଣ୍ଡ ବିଲ୍ଡିଂସ୍, ସ୍ୱାସ୍ଥ୍ୟ, ରେଭେନ୍ୟୁ, ଫରେଷ୍ଟ–ଇଡକୋ, ପଞ୍ଚା, ପିଏଚି, ଗ୍ରାମ୍ୟ ଉନ୍ନୟନ–ସମସ୍ତ ବିଭାଗରେ ଏବେ ପୁରୁଣା ପ୍ରଣାଳୀରେ କାମ କଲେ ଚଳିବ ନାହିଁ ଭାବର ପରିବେଶ । ମୁଖ୍ୟମନ୍ତ୍ରୀଙ୍କ ନୂଆ ନିୟମ ପରେ କାମକୁ ଦେରି କରିବା, ଲୋକଙ୍କୁ ଘୁରେଇବା କିମ୍ବା ଅସୁବିଧା କରିବା– କାହାରୁ ମଧ୍ୟ ଚଳିବ ନାହିଁ । ଏହା ଜଣେ ଅଧିକାରୀଙ୍କ ମତ । ଲୋକମାନଙ୍କ ପ୍ରଶ୍ନ– ପିସି କାରବାର ସତେ କ'ଣ ବନ୍ଦ ହେବ କି? ଯାଜପୁର ଜିଲ୍ଲାରେ ବର୍ଷ ବର୍ଷ ଧରି–ମାଇନ୍ସ, ତହସିଲ, ପଞ୍ଚାୟତ, ନିର୍ମାଣ ବିଭାଗ ଏହି ବିଭାଗରେ ପିସି ଅଭିଯୋଗ ଆସୁଥିଲା । ମୁଖ୍ୟମନ୍ତ୍ରୀଙ୍କ କଠୋର ନିର୍ଦ୍ଦେଶ ପରେ ଲୋକଙ୍କ ମଧ୍ୟରେ ସ୍ୱାଭାବିକ ପ୍ରଶ୍ନ–ଏଥର ସତେ ପିସି କାରବାର ବନ୍ଦ ହେବ କି? ଲୋକ ସେବା କେନ୍ଦ୍ରରେ ଭିଡ଼ ବଢ଼ିଲା ନୂଆ ନିୟମ ପରେ କିଛି ଅଫିସ୍‌ରେ–ଫାଇଲ ଗତି ବଢ଼ିବ । ଅଧିକାରୀମାନେ ବୈକଳ୍ପିକ ଚିନ୍ତା କରୁଥିବା ଚର୍ଚ୍ଚା ହେଉଛି । ଲୋକ ସେବା କେନ୍ଦ୍ରରେ ପ୍ରତିଦିନ ଭିଡ଼ ବଢୁଛି । ସାଧାରଣ ଲୋକ ମଧ୍ୟ ଏହାକୁ ଲକ୍ଷ କରୁଛନ୍ତି । ସାଧାରଣ ଲୋକଙ୍କ ଆଶା– ରେସନ୍ ଠାରୁ ମ୍ୟୁଟେସନ୍ ପର୍ଯ୍ୟନ୍ତ ସହଜ ସେବା ହେବ । ଯାଜପୁରର ୬–୭ଟି ମୁଖ୍ୟ ଅଫିସ୍‌ରେ– ଦୁର୍ନୀତି, ମଧ୍ୟସ୍ଥ, ଏଜେଣ୍ଟ ଅଫିସ ଖୋଲିବାରେ ଡେରି,ଜାଣି ଶୁଣି ଫାଇଲ ଅଟକାଇବା ।

ଏହାସବୁ ବର୍ଷ ଧରି ଲୋକମାନେ ଭୋଗୁଥିବା ସମସ୍ୟା । ଯଦି ଜିଲାପାଳ ଓ ଉଚ୍ଚାଧିକାରୀମାନେ ନିଷ୍ପକ୍ଷ କାର୍ଯ୍ୟ କରନ୍ତି, ତେବେ–ରାସନ୍, ଜମି ମ୍ୟୁଟେସନ୍, ରୋଡ୍ ରିପେୟାର ଟ୍ରାଫିକ୍ ସମସ୍ୟା, ହସ୍ପିଟାଲ ସର୍ଭିସ୍ ଏହା ସବୁରେ ଲୋକ ସହଜ ସେବା ମିଳିପାରେ । ବର୍ଷ ବର୍ଷ ଧରି ଗାଦି ମଡ଼ା ବାବୁ– ପରିବର୍ତ୍ତନ ସତେ ହେବ କି? ଗୋଟିଏ ଜାଗାରେ ବର୍ଷ ଧରି ବସିଥିବା, ଦୁର୍ନୀତିର ଅଭିଯୋଗ ଥିବା 'ଗାଦି ମଡ଼ା ବାବୁ'ଙ୍କୁ ବଦଳାଇଲେ କାମ ଅଗ୍ରଗତି ହେବ–ଏହି ଆଶା ଲୋକମାନେ ରଖୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନୂଆ '୯ଟି ଟାସ୍କ' ଯାଜପୁର ଜିଲ୍ଲା ପାଇଁ–ଏକ କଠିନ ଚ୍ୟାଲେଞ୍ଜ ଏକ ନୂଆ ଆଶା ଏବେ ଦେଖିବାକୁ ବାକି–ଦୁର୍ନୀତି ସତେ ହଟିବ କି? କିମ୍ବା ଏହି ନିର୍ଦ୍ଦେଶ କେବଳ କାଗଜରେ ରହିଯିବ?କାମରେ ଅନାବଶ୍ୟକ ଦେରି ନୁହେଁ, ଦୁର୍ନୀତି ନୁହେଁ–ସରଳ, ସଚ୍ଚୋଟ, ସତ୍ୟ ପ୍ରଶାସନ । ସାଧାରଣ ଲୋକମାନେ କରନ୍ତି ଏପରି ଆଶା । ମୁଖ୍ୟମନ୍ତ୍ରୀଙ୍କ ନୀତି ଯାଜପୁର ଦପ୍ତରରେ କେତେ କାର୍ଯ୍ୟକାରୀ ହେବ? ଏବେ ସାଧାରଣ ଉଠୁଛି ପ୍ରଶ୍ନ ? ସମୟ ହିଁ କହିବ ଦେଖିବାକୁ ବାକି ରହିଲା !

## ସାମାନ୍ୟ ବଚସାରୁ ମାରପିଟ, ଜଣେ ଗିରଫ

**ବୁଗୁଡ଼ା, ୧୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ ବି.କରଡ଼ାବାଡ଼ି ଗ୍ରାମ ନିକଟ ରାସ୍ତାରେ ଦୁଇ ଜଣଙ୍କ ମଧ୍ୟରେ ସାମାନ୍ୟ ବଚସାରୁ ମାରପିଟ ଘଟଣାରେ ଜଣେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି । ଗିରଫ ଜଣକ ହେଲେ ବି.କରଡ଼ାବାଡ଼ି ଗ୍ରାମର ନାରାୟଣ ନାଇକ (୩୫) । ଏ ନେଇ କେସ୍ ନଂ ୭୧୩/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ୧୬ ତାରିଖ ସକାଳେ ମହୁଲପଲ୍ଲୀ ଗ୍ରାମର ସମ୍ମିତ ସାହୁ ବାଇକ ଯୋଗେ ନିଜ ଗାଁରୁ ବି.କରଡ଼ାବାଡ଼ି ଗାଁକୁ ବିଲମାଳର ସଂକୀର୍ଣ୍ଣ ରାସ୍ତାରେ ଆସୁଥିବା ବେଳେ ରାସ୍ତା ମଝିରେ ନାରାୟଣ ଠିଆ ହୋଇଥିଲେ । ନାରାୟଣଙ୍କୁ ବାଟ ଛାଡିବା ପାଇଁ ସମ୍ମି କହିବାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ଏବଂ ତା'ପରେ ଗଣ୍ଡଗୋଳ ହୋଇଥିଲା । ରାସ୍ତାକଡରେ ପଡିଥିବା କାଠବାଡିକୁ ଧରି ଦୁହେଁ ପରସ୍ପରକୁ ଆକ୍ରମଣ କରିଥିଲେ । ଫଳରେ ଉଭୟଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା ଏବଂ ସେମାନେ ଆସି ବୁଗୁଡା ମେଡିକାଲରେ ଭର୍ତ୍ତି ହୋଇଥିଲେ । ଏ ନେଇ ବୁଗୁଡା ଥାନାରେ ସମ୍ମିତଙ୍କ ଅଭିଯୋଗ କ୍ରମେ ପୋଲିସ ନାରାୟଣଙ୍କୁ ଗିରଫ କରିଥିବା ବେଳେ ନାରାୟଣଙ୍କ ପାଲଟା ଅଭିଯୋଗ କ୍ରମେ କେସ୍ ନଂ ୭୧୪/୨୫ରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିବା ଜଣାପଡିଛି ।

## ବେପାରୀଙ୍କୁ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଲୁଟ୍

**ଓଡ଼ାପଡ଼ା, ୧୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢ଼େଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ଦିନକୁ ଦିନ ବଢି ଚାଲିଛି ଲୁଟେରାଙ୍କ ଦୌରାତ୍ମ୍ୟ । ଡେଣାକୁ ହାଣି ଲୁଟି ନେଲେ ୮୫୦୦ ଟଙ୍କା ଓ ମୋବାଇଲ । ସାପ୍ତାହିକ ହାଟରେ ବେପାର କରିବା ପାଇଁ ଆସିଥିବା ବେଳେ ଆକ୍ରମଣର ଶିକାର ହୋଇଥିବା ସୂଚନା । ପୋଲିସକୁ ଚାଲେଞ୍ଜ ଦେଇ ନୀତିଦିନ କରୁଛନ୍ତି ଡକାୟତି । କେତେବେଳେ ଘରେ ପଶି କରୁଛନ୍ତି ଲୁଟତରାଜ ତ ଆଉକେତେ ବେଳେ ରାଜରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀଙ୍କୁ କରୁଛନ୍ତି ଟାର୍ଗେଟ । ଦିନ ଦ୍ୱିପ୍ରହରରେ ବି ମରଣାତ୍ମକ ଆକ୍ରମଣ କରିବାରୁ ପଛାଉନାହାନ୍ତି ଦୁର୍ବୃତ୍ତ । ନୀରବ ପ୍ରଶାସନ, ହାତ ବାନ୍ଧି ବସିଛି ପୋଲିସ । ପ୍ରହସନ ପାଲଟିଛି ହାଇୱେ ପାଟ୍ରୋଲିଂ । ଖବର ଅନୁସାରେ ବାଙ୍ଗୁରସିଂ ଗ୍ରାମ ପଞ୍ଚାୟତ ବାଙ୍ଗୁରସିଙ୍ଗ ଗ୍ରାମର ପ୍ରଦୀପ କୁମାର ସାହୁ (ସନ୍ତ) ସବୁଦିନ ଭଳି ଆଜି ଭୋର ସକାଳ ପ୍ରାୟ ୪ ଘଟିକା ସମୟରେ ନିଜ ମୋଟର ସାଇକେଲ ଯୋଗେ, ମେରାମଣ୍ଡଳି ସାପ୍ତାହିକ ହାଟକୁ ପରିବା ବ୍ୟବସାୟ କରିବା ପାଇଁ ଯାଉଥିବା ସମୟରେ ହାଟ ଠାରୁ ମାତ୍ର ୨୦୦ ମିଟର ପୂର୍ବରୁ ଓଭର ବ୍ରିଜ ତଳେ ଥିବା ମାଟି ରାସ୍ତା ନିକଟରେ କିଛି ଦୁର୍ବୃତ୍ତ ତାଙ୍କୁ ମରଣାତ୍ମକ ଆକ୍ରମଣ କରିଥିବା ସୁଚନା ମିଳିଛି । ପ୍ରଦୀପ ଏକୁଟିଆ ଯାଉଥିବାର ସୁଯୋଗ ନେଇ ପ୍ରଥମେ ବାଇକକୁ ଲୁଟେରାମାନେ ଅଟକାଇଥିଲେ । ଘଟଣା କ'ଣ ହୋଇଛି ଭାବି ବାଇକ ଅଟକାଇବା ମାତ୍ରେ ଦୁଇଜଣ ଲୁଟେରା କେତେ ଟଙ୍କା ରଖିଛୁ କହି ଧମକାଇ ଥିଲେ । ଟଙ୍କା ନ ଦେବାରୁ ପ୍ରଥମେ ଉଭୟଙ୍କ ଭିତରେ ଧସ୍ତାଧସ୍ତି ହୋଇଥିଲା । କିଛି ବୁଝିବା ପୂର୍ବରୁ ଦୁବୃର୍ତ୍ତମାନେ ଖଣ୍ଡାରେ ପ୍ରଦୀପଙ୍କ ଡେଣାକୁ ଆକ୍ରମଣ କରିଥିବା ସୂଚନା ମିଳିଛି । ଗଭୀର ଆଘାତ ଯୋଗୁଁ ଗୁରୁତର ହେବାରୁ ପ୍ରଥମେ ଢ଼େଙ୍କାନାଳ ଓ ପରେ କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ଉକ୍ତ ଘଟଣାରେ ଉତ୍ତ୍ୟକ୍ତ ଲୋକଙ୍କ ଦ୍ୱାରା କିଛି ସମୟ ରାଜରାସ୍ତା ଅବରୋଧ କରଯାଇଥିଲା । ଏଠି ପ୍ରଶ୍ନ ଉଠୁଛି ଓଡ଼ାପଡ଼ା ଅଞ୍ଚଳରେ ଏମିତି ପ୍ରତ୍ୟେକ ଦିନ ଚୋରି ଡକାୟତି ବଢିଚାଲି ଥିବା ବେଳେ କେବେ ଚେତିବ ପୋଲିସ ପ୍ରଶାସନ ।

## ଚୋରା ମୋଟରସାଇକେଲ୍ ଉଦ୍ଧାର

**ଖୋର୍ଦ୍ଧା, ୧୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ପୁଲିସର ତ୍ୱରିତ ଏବଂ ପ୍ରଭାବଶାଳୀ ତଦନ୍ତ ଏବଂ ଫିଲ୍ଡ ଭେରିଫିକେସନ୍ ସମୟରେ ଗୋଟିଏ ଚୋରା ମୋଟରସାଇକେଲ୍ ଉଦ୍ଧାର କରିଛନ୍ତି । ନିର୍ଦ୍ଦିଷ୍ଟ ସୂଚନା ଉପରେ କାର୍ଯ୍ୟ କରି ଅବିରତ ଉଦ୍ୟମରେ ପୁଲିସ ଯାନଟିକୁ ସୁରକ୍ଷିତ ଭାବରେ ଉଦ୍ଧାର କରିବାରେ ସଫଳ ହୋଇଛି । ସମ୍ବନ୍ଧିତ ସମସ୍ତ ବୈଧ ପ୍ରକ୍ରିୟା ପୂର୍ଣ୍ଣ କରି, ଉଦ୍ଧାର ହୋଇଥିବା ମୋଟରସାଇକେଲ୍‌ଟିକୁ ତାହାର ପ୍ରକୃତ ମାଲିକଙ୍କୁ ବିଧିବଦ୍ଧ ଭାବରେ ହସ୍ତାନ୍ତର କରାଯାଇଛି ।

## ଚୋରି କରିବାକୁ ଯାଇ ଗାଁ ଲୋକଙ୍କ ମାଡ଼ରେ ମୃତ

**ଉଦଳା, ୧୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗାଁକୁ ଚୋରି କରିବାକୁ ପଶିଥିଲେ, ଆଉ ଗାଁ ଲୋକଙ୍କ ହାବୁଡ଼ରେ ଧରା ପଡିଯିବା ପରେ ଖାଇଲେ ନିର୍ଘାତ ମାଡ଼ । ମାଡ଼ରେ ଚାଲିଗଲା ଚୋରଙ୍କ ଜୀବନ । ଅନ୍ୟ ଜଣେ ଗୁରୁତର । ଏଭଳି ଘଟଣା ଘଟିଛି ଉଦଳା ଥାନା ଧାନଘେରା ଗ୍ରାମରେ । ବିଳମ୍ବିତ ରାତିରେ ଧାନଘେରା ଗ୍ରାମକୁ ଦେଉଳା ଗ୍ରାମର ବାପି କୋହ୍ଲାର ଏବଂ କାହ୍ନୁ ମଢେଇ ସିଲିଣ୍ଡର ଚୋରି କରିବା ନିମନ୍ତେ ପଶିଥିଲେ । ୨ ଘରୁ ସିଲିଣ୍ଡର ଚୋରି କରି ବାହାରି ଆସୁଥିବା ବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଥିଲେ । ଗ୍ରାମବାସୀ ୨ ଚୋରଙ୍କୁ ଧରି ନିର୍ଘାତ ମାଡ଼ ମାରି ଗୁରୁତର କରିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଚୋରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଚୋର ବାପି ବିନ୍ଧାଣୀର ମୃତ୍ୟୁ ଘଟିଛି । । ଯାହାକୁ ନେଇ ପୋଲିସ ଖୋଳତାଡ଼ କରି ମାଡ଼ ମାରିଥିବା ୧୦ରୁ ଅଧିକ ଗ୍ରାମବାସୀଙ୍କୁ ଉଠାଇ ଆଣି ପଚରାଉଚରା କରୁଛି ।

## ବାଲି ବୋହୁଥିବା ସଂସ୍ଥା ଓ ପ୍ରଶାସନ ବେଫିକର : ରାସ୍ତା ସଫାକଲେ ଥାନା କର୍ମଚାରୀ

**କୋଣାର୍କ, ୧୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ପୁରୀ ବେଳାମାର୍ଗ ଯାହାକି ଜାତୀୟ ରାଜପଥ ୩୧୬ରେ ଦୈନିକ ହଜାର ହଜାର ଗାଡିମଟର ଯିବା ଆସିବା କରିଥାଏ । ହେଲେ ଚନ୍ଦ୍ରଭାଗା ଠାରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ସମୁଦ୍ର କୂଳରୁ ବାଲି କଢ଼ା ଯାଇ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉଥିବା ବେଳେ ମୁଖ୍ୟ ରାସ୍ତାରେ ପ୍ରବଳ ବାଲି ପଡ଼ି ରହୁଥିବା ଦେଖିବାକୁ ମିଳିଛି । ଚନ୍ଦ୍ରଭାଗା ମୁଖ୍ୟ ଛକ ଠାରୁ ସାମୁଦ୍ରିକ ଥାନା ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ବାଲି ଦ୍ୱାରା ଘୋଡାଇ ହୋଇ ରହୁଥିବା ବେଳେ ସେଠାରେ ଥିବା ହମ୍ପସ ପୋତି ହୋଇଯିବାରେ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଥିବା ଅଭିଯୋଗ ହୋଇଛ । ବିଶେଷ କରି ମଟର ସାଇକେଲ ଆରୋହୀ ମାନେ ସମସ୍ୟାରେ ପଡୁଥିବା ପରିଲକ୍ଷିତ ହୋଉଛି । କାମ କରୁଥିବା ସଂସ୍ଥା ପ୍ରତିଦିନ ଶହ ଶହ ଟ୍ରିପ ବାଲି ହାଇୱା ଦ୍ୱାରା ଚାଲାଣ କରୁଥିବା ବେଳେ ରାସ୍ତା ଉପରେ ପଡି ରହିଥିବା ବାଲିକୁ ସଫା ନକରିବା ସମସ୍ତଙ୍କୁ ଚଳିତ କରିଛି । ଯଦି ଏହି ବାଲି ଯୋଗୁ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହୁଏ ,ତାହାଲେ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଚନ୍ଦ୍ରଭାଗା ମୁଖ୍ୟ ଛକରେ ବୁଲାଣି ଥିବା ବେଳେ ଏଠାରେ ବାଲି ଜମା ହୋଇ ସମସ୍ୟା ସୃଷ୍ଟି କରିବା ସହ ବାଇକ ଆରୋହୀ ମାନଙ୍କ ପାଇଁ ମୃତ୍ୟୁଯନ୍ତା ସଦୃଶ ହୋଇଛି । ଏହି ରାସ୍ତା ଦେଇ ନେତା ଠାରୁ ଆରମ୍ଭ କରି ମନ୍ତ୍ରୀ, ଯନ୍ତ୍ରୀ ଓ ବଡ ବଡ ପ୍ରଶାସନିକ ଅଧିକାରୀ ମାନେ ଯିବା ଆସିବା କରୁଥିଲେ ମଧ୍ୟ କାହାର ଦୃଷ୍ଟି ଗୋଚର ନହେବା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି । ପ୍ରଶାସନର ଅବହେଳା ପାଇଁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ରାସ୍ତା ଉପରୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାର କିଛି କର୍ମଚାରୀ ବେଲେଚା ଦ୍ୱାରା ବାଲି ସଫା କରୁଥିବା ଦେଖିବାକୁ ମିଳିଛ । ଥାନା କର୍ମଚାରୀଙ୍କ ଏତାଦୃଶ କାର୍ଯ୍ୟକୁ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଥିବା ବେଳେ ପ୍ରଶାସନ ଓ କାର୍ଯ୍ୟ କରୁଥିବା ସଂସ୍ଥା, ଠିକାଦାରଙ୍କ ବେପରୁଆ କାର୍ଯ୍ୟକୁ ନିନ୍ଦା କରିଛନ୍ତି ।

## ଟ୍ରକ ଧକ୍କାରେ ବାବାଙ୍କ ମୃତ୍ୟୁ

**ରେଢ଼ାଖୋଲ, ୧୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

୫୫ ନଂ ଜାତୀୟ ରାଜପଥ ରେଢ଼ାଖୋଲ ଡାକ୍ତରଖାନା ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ସଡକ ଦୁର୍ଘଟଣାରେ ଜଣେ ବାବାଙ୍କର ମୃତ୍ୟୁ ଘଟିଛି । ମୃତକ ରେଢ଼ାଖୋଲ ଥାନା ବୈଷ୍ଣବ ଝୁଲୀ କ୍ରିୟା ଯୋଗ ଆଶ୍ରମରେ ରହିଥିବା ଗୋଶାଳାରେ ଗୋ ସେବା କରୁଥିବା ବାବା ରଜନୀ କାନ୍ତ ନାଏକ ବୋଲି ଜଣାପଡିଛି ।

ସୂଚନା ଅନୁସାରେ ରେଢ଼ାଖୋଲ ସହର ମଧ୍ୟ ଦେଇ ୫୫ ନଂ ଜାତୀୟ ରାଜପଥଟି ଯାଇଛି । ଗତ କିଛି ଦିନ ହେବ ସହର ମଧ୍ୟ ଦେଇ ବେପରୁଆ ଭାବେ ସମ୍ପୂର୍ଣ୍ଣ ସରକାରୀ ଆଇନକୁ ଉଲ୍ଲଙ୍ଘନ କରି ଶହ ଶହ ଭାରୀ ଯାନ ବିଷାକ୍ତ ପାଉଁଶ ବୋଝେଇ ପରିବହନ କରୁଛନ୍ତି । ଏପରିକି ଗାଡି ଗୁଡିକ ପରିବହନ ସମୟରେ ସାବଧାନତା ଅବଲମ୍ବନ କରୁ ନଥିବା ଯୋଗୁଁ ରାସ୍ତା ସାରା ପାଉଁଶ ଗୁଣ୍ଡ ପଡି ଅସ୍ୱାସ୍ଥ୍ୟର ପରିସ୍ଥିତି ଉପୁଜି ସହରବାସୀ ଅଣନିଶ୍ୱାସୀ ହୋଇ ପଡିଛନ୍ତି । ଏହାକୁ ନେଇ ପୂର୍ବରୁ ବିଭିନ୍ନ ସଂଗଠନ ତରଫରୁ ରାସ୍ତା ରୋକ ଶହ ଆନ୍ଦୋଳନ କରାଯାଇଥିବା ନଜିର ଅଛି । ଆଜି ସହର ମଧ୍ୟରେ ପାଉଁଶ ପରିବହନ ବନ୍ଦ କରିବା ଦାବିରେ ଦୁର୍ଘଟଣା ସ୍ଥଳରେ ରାସ୍ତାରୋକ କରାଯାଇଛି । ସହର ମଧ୍ୟରେ ପାଉଁଶ ଗାଡି ଯାତାୟାତ ବନ୍ଦ କରାଯାଉ ବୋଲି ନାଗରିକ କମିଟି ଦାବି କରିଛି ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜନ୍ମ-ମୃତ୍ୟୁ ପଞ୍ଜୀକରଣ କେନ୍ଦ୍ର ଉଠିବା ନେଇ ଆନ୍ଦୋଳନ ଚେତାବନୀ

**ସାକ୍ଷୀଗୋପାଳ, ୧୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟରେ କାର୍ଯ୍ୟ କରୁଥିବା ଜନ୍ମ–ମୃତ୍ୟୁ ପଞ୍ଜୀକରଣ କେନ୍ଦ୍ରକୁ ଉଠାଇ ନିଆଯାଇଛି । ଯାହାର ପ୍ରତିବାଦ ସ୍ୱରୂପ ଦୁର୍ବାର ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ ।

ସୂଚନାଯୋଗ୍ୟ ଅଳଗୁମଠାରେ ଦଶନ୍ଧି ଦଶନ୍ଧି ଧରି କାର୍ଯ୍ୟ କରୁଥିବା ଏହି ଜନ୍ମ–ମୃତ୍ୟୁ ପଞ୍ଜୀକରଣ କେନ୍ଦ୍ର ଅଞ୍ଚଳର ଅଳଗୁମ, ମଧୁବନ, ନୂଆ ସୋମେଶ୍ୱରପୁର, ନରେନ୍ଦ୍ରପୁର, ଶୁକଳ, ଆଳିଶ ପାଟଣା ସମେତ ପୂର୍ବ ସତ୍ୟବାଦୀର କିଛି ପଞ୍ଚାୟତ, ଏହିପରି ସମଗ୍ର ସତ୍ୟବାଦୀ ବ୍ଲକର ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ଏହି କେନ୍ଦ୍ର ଉପରେ ନିର୍ଭର କରୁଥିଲେ । ମାତ୍ର ଗତ ବର୍ଷେ ହେଲା ଏହି କେନ୍ଦ୍ରର ସେବାକୁ ଧୀରେ ଧୀରେ ସଙ୍କୁଚିତ କରି ଏବେ ଏହାକୁ ଏଠାରୁ ସମ୍ପୂର୍ଣ୍ଣ ରୂପେ ଉଠାଇ ନିଆଯାଇଛି ।

ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ କାର୍ଯ୍ୟ କରୁଥିବା ଏହି ପଞ୍ଜୀରକରଣ କେନ୍ଦ୍ର ଦାୟିତ୍ୱରେ ଥିବା କର୍ମଚାରୀ ଶିବାନୀ ସେନାପତି ଏଠାରେ କାର୍ଯ୍ୟ କରୁଥିବାବେଳେ ସିଡିଏମ୍‌ଓଙ୍କ ଆଦେଶ ଚିଠି ସଂଖ୍ୟା ୧୭୪୫/୧୭-୯-୨୦୨୫ ଅନୁଯାୟୀ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଫଳରେ ଏଠାରୁ ଜନ୍ମ–ମୃତ୍ୟୁ ପଞ୍ଜୀକରଣ ଉଠିଯିବା ନେଇ ଚର୍ଚ୍ଚା ହୋଇଛି । ଯାହାକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି । ତେବେ କାହା ସ୍ୱାର୍ଥରେ ଏଠାରୁ ଜନ୍ମ–ମୃତ୍ୟୁ ପଞ୍ଜୀକରଣ ସାକ୍ଷୀଗୋପାଳକୁ ନିଆଯାଇଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ଏହା ଫଳରେ ସ୍ଥାନୀୟ ଲୋକେ ବାରମ୍ବାର ଖର୍ଚ୍ଚାନ୍ତ ହୋଇ ସାକ୍ଷୀଗୋପାଳ କିଭଳି ଯିବେ ବୋଲି କହି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଠାରେ ଏହି କେନ୍ଦ୍ର କାର୍ଯ୍ୟ କରିବାକୁ ସମସ୍ତ ସୁବିଧା ଥିଲେ ବି କାହିଁକି ଏଠାରୁ ପ୍ରତ୍ୟାହାର କରାଯିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଅଞ୍ଚଳବାସୀ ସ୍ଥାନୀୟ ବିଧାୟକଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ କ୍ଷୋଭ ପ୍ରକାଶ ପୂର୍ବକ ଲିଖିତ ଭାବେ ଜଣାଇଛନ୍ତି । ତୁରନ୍ତ ଏହି ଆଦେଶ ପୁନର୍ବିଚାର ପୂର୍ବକ ପ୍ରତ୍ୟାହାର କରିବାକୁ ଦୃଢ଼ ଦାବି କରିଛନ୍ତି । ସମାଜସେବୀ ସୁଶାନ୍ତ କୁମାର ଜେନା, ପ୍ରଶାନ୍ତ କୁମାର ଜେନା, ସରୋଜ କୁମାର ପ୍ରଧାନ, ସୁଧୀର ପରିଡ଼ା, ବାସୁଦେବ ମହାରଣା, ଗଣେଶ୍ୱର ଜେନା ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଲିଖିତ ପ୍ରତିବାଦ ପତ୍ର ବିଧାୟକଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଅବଗତି ନିମନ୍ତେ ଦେଇଛନ୍ତି । ତୁରନ୍ତ ଏହି ଆଦେଶ ପ୍ରତ୍ୟାହାର କରାନଗଲେ ଦୃଢ଼ ଆନ୍ଦୋଳନ କରାଯିବ । ସ୍ଥାନୀୟ ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି ।

ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ (ସିଡିଏମ୍‌ଓ) ଡାକ୍ତର ଅକ୍ଷୟ ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଳଗୁମରେ ଇଣ୍ଟରନେଟ୍ ଠିକ୍ ଭାବେ କାର୍ଯ୍ୟ କରୁନାହିଁ ଏବଂ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ସାକ୍ଷୀଗୋପାଳରେ ରହୁଥିବାରୁ ସମସ୍ୟା ଉପୁଜୁଛି । ଏଥିପ୍ରତି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକଙ୍କୁ ଅଞ୍ଚଳବାସୀ ଦାବି କରିଛନ୍ତି ।



ପୂର୍ବ ସରକାର ମଧ୍ୟ ସଚିବମାନଙ୍କୁ ଲୋକଙ୍କ ପାଖକୁ ଯିବାର ପରାମର୍ଶ ଦେଇଥିଲେ, ତାହା କେତେ କାର୍ଯ୍ୟକାରୀ ହୋଇଥିଲା ତାହା ସମସ୍ତଙ୍କୁ ଜଣା। ଭୁବନେଶ୍ୱର ଛାଡ଼ିବାକୁ କେହି ରାଜି ହୁଅନ୍ତିନି, ସିଏ ଅଫିସର ହୁଅନ୍ତୁ କି ମନ୍ତ୍ରୀ, ବିଧାୟକ । ନିଜ ନିଜ ନିର୍ବାଚନ ମଣ୍ଡଳୀରେ କେତେଜଣ ମନ୍ତ୍ରୀ, ବିଧାୟକ ରହନ୍ତି ବିଧାନସଭା ଚାଲୁ ନଥିବା ସମୟରେ? ନିର୍ବାଚନ ମଣ୍ଡଳୀରେ ସଭାସମିତି ଆୟୋଜନ ହେଲେ ଭାଷଣ ଦେବାକୁ ଯାଆନ୍ତି କେବଳ । ସରକାରଙ୍କ ଯୋଜନା ତୃଣମୂଳ ସ୍ତରରେ କିଭଳି କାର୍ଯ୍ୟକାରୀ ହେଉଛି ସେକଥା ଯଦି ମନ୍ତ୍ରୀ, ବିଧାୟକମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀକୁ ଯାଇ ତଦାରଖ କରୁଥାନ୍ତେ ତା'ହେଲେ କାମର ଗୁଣାତ୍ମକ ମାନ ନିଶ୍ଚିତ ଭାବରେ ବଢ଼ନ୍ତା, କାମ ତ୍ୱରିତ ହୁଅନ୍ତା ।



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୦ ନଭେମ୍ବର, ୨୦୨୫ | ଗୁରୁବାର

ଓଡ଼ିଶା ଏକ୍ସପ୍ରେସ


## ମୁଖ୍ୟମନ୍ତ୍ରୀଙ୍କ କଡ଼ା କଥା

ସରକାର କୌଣସି ପ୍ରକାର ଦୁର୍ନୀତିକୁ ବରଦାସ୍ତ କରିବେନି କି ଦୁର୍ନୀତି ପାଇଁ ସରକାରଙ୍କୁ ବଦନାମ ହେବାକୁ ଦିଆଯିବ ନାହିଁ ।

ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ଛଳରେ ତାଗିଦ ମଧ୍ୟ କରିଛନ୍ତି । ଚୋରା ଖଣିଜ ଚାଲାଣ ଏବଂ ଚୋରା ମଦକୁ ବନ୍ଦ କରିବା ପାଇଁ ଜିଲାପାଳମାନଙ୍କୁ ସେ ପରାମର୍ଶ ଦେଇଛନ୍ତି । ଯଦି ଚୋରା ମଦ କାରବାର ଜିଲାପାଳମାନେ ବନ୍ଦ କରିନପାରିବେ ସେଥିପାଇଁ ସେମାନେ ଦାୟୀ ରହିବେ । ସେ ଏକଥା ମଧ୍ୟ କହିଛନ୍ତି– ଆମେ ଯିଏ ଯେଉଁ ପଦବୀରେ ଥାଉନା କାହିଁକି ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ । ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ।

ନିୟମିତ ବ୍ୟବଧାନରେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ଶୁଣିବାକୁ ସେ ଜିଲାପାଳମାନଙ୍କୁ ମରାମର୍ଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଏବଂ ତାଗିଦ ଆଜିର ଦିନରେ ଖୁବ୍ ଗୁରୁତ୍ୱ ବହନ କରେ । ଯେଉଁ କେଉଁଟି ଦିଗ ଉପରେ ସେ ଗୁରୁତ୍ୱ ଦେଇଛନ୍ତି ତାକୁ ଯଦି ବାବୁମାନେ ମାନିବେ ତା'ହେଲେ ଲୋକେ ଅନେକ ଉପକୃତ ହୋଇପାରିବେ । ମୁଖ୍ୟମନ୍ତ୍ରୀ ଏକଥା ମଧ୍ୟ କହିଛନ୍ତି– ଆଶ୍ଚର୍ଯ୍ୟର ବିଷୟ ୟୁପିଏସ୍‌ସି ଓ ଓପିଏସ୍‌ସି ପରୀକ୍ଷାରେ ଭଲ ମାର୍କ ରଖିଥିବା କମ୍ ବୟସର ସରକାରୀ କର୍ମଚାରୀମାନେ ମଧ୍ୟ ଦୁର୍ନୀତି କରୁଛନ୍ତି । ଏଥିରୁ ସେମାନେ ବିରତ ରହିବା ଦରକାର । ଜିଲାପାଳମାନେ ନିଜ କାର୍ଯ୍ୟାଳୟ ଭିତରେ ସୀମିତ ନରହି କ୍ଷେତ୍ର ପରିଦର୍ଶନକୁ ଗୁରୁତ୍ୱ ଦିଅନ୍ତୁ ।

ପୂର୍ବ ସରକାର ମଧ୍ୟ ସଚିବମାନଙ୍କୁ ଲୋକଙ୍କ ପାଖକୁ ଯିବାର ପରାମର୍ଶ ଦେଇଥିଲେ, ତାହା କେତେ କାର୍ଯ୍ୟକାରୀ ହୋଇଥିଲା ତାହା ସମସ୍ତଙ୍କୁ ଜଣା। ଭୁବନେଶ୍ୱର ଛାଡ଼ିବାକୁ କେହି ରାଜି ହୁଅନ୍ତିନି, ସିଏ ଅଫିସର ହୁଅନ୍ତୁ କି ମନ୍ତ୍ରୀ, ବିଧାୟକ । ନିଜ ନିଜ ନିର୍ବାଚନ ମଣ୍ଡଳୀରେ କେତେଜଣ ମନ୍ତ୍ରୀ, ବିଧାୟକ ରହନ୍ତି ବିଧାନସଭା ଚାଲୁ ନଥିବା ସମୟରେ? ନିର୍ବାଚନ ମଣ୍ଡଳୀରେ ସଭାସମିତି ଆୟୋଜନ ହେଲେ ଭାଷଣ ଦେବାକୁ ଯାଆନ୍ତି କେବଳ । ସରକାରଙ୍କ ଯୋଜନା ତୃଣମୂଳ ସ୍ତରରେ କିଭଳି କାର୍ଯ୍ୟକାରୀ ହେଉଛି ସେକଥା ଯଦି ମନ୍ତ୍ରୀ, ବିଧାୟକମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀକୁ ଯାଇ ତଦାରଖ କରୁଥାନ୍ତେ ତା'ହେଲେ କାମର ଗୁଣାତ୍ମକ ମାନ ନିଶ୍ଚିତ ଭାବରେ ବଢ଼ନ୍ତା, କାମ ତ୍ୱରିତ ହୁଅନ୍ତା ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଚୋରା ମଦ କାରବାର ବନ୍ଦ ନହେଲେ ଏଥିପାଇଁ ଜିଲାପାଳମାନେ ଦାୟୀ ରହିବେ । ପ୍ରଧାନମନ୍ତ୍ରୀ ମଧ୍ୟ ନିଶାମୁକ୍ତ ଭାରତର ସ୍ୱପ୍ନ ଦେଖୁଛନ୍ତି । ଏଥିପାଇଁ ଲୋକଙ୍କୁ ସଚେତନ କରାଯାଉଛି, ହେଲେ ମଦକୁ ଦେଶରୁ ନିଷେଧ କରିବାର କୌଣସି ଯୋଜନା ବୋଧେ ନାହିଁ । ଆମ ରାଜ୍ୟରେ ତ ବନ୍ଦ ହୋଇ ରହିଥିବା କେତୋଟି ମଦ ଦୋକାନକୁ ଖୋଲିବା ପାଇଁ ସରକାର ସବୁଜ ସଂକେତ ଦେଇଛନ୍ତି ।

ଏଇଠି ପ୍ରଶ୍ନ ଉଠିପାରେ, ଗୁଜରାଟ ଏବଂ ବିହାରର ବିକାଶକୁ ନେଇ ଅନେକ ସଭା ସମିତିରେ ପ୍ରଧାନମନ୍ତ୍ରୀ ଗର୍ବ କରିଛନ୍ତି ତାଙ୍କ ଭାଷଣରେ । ଏ ଦୁଇ ରାଜ୍ୟରେ ତ ମଦ ନିଷେଧ ହୋଇଛି, ସେଠି ପୁଣି କେମିତି ବିକାଶ ସମ୍ଭବ ହେଉଛି? ଅନ୍ୟ ରାଜ୍ୟରେ ବିଶେଷ କରି ବିଜେପି ଶାସିତ ରାଜ୍ୟରେ କାହିଁକି ମଦ ନିଷେଧ ହୋଇପାରୁନି?

ତଥାପି ଦୁର୍ନୀତି ବିରୋଧରେ ଯେଉଁ କଠୋର ନୀତି ମୁଖ୍ୟମନ୍ତ୍ରୀ ଆପଣେଇଛନ୍ତି ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । ଠିକ୍ ଏଇଭଳି କଡ଼ାକଥା ଏବଂ ତାଗିଦା ମନ୍ତ୍ରୀ, ବିଧାୟକଙ୍କୁ ମଧ୍ୟ ଶୁଣାଇବା ଦରକାର । ଶାସକ ଏବଂ ପ୍ରଶାସକ ଉଭୟେ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ହେଲେ ହିଁ ଲୋକେ ଉତ୍ତମ ସେବା ପାଇପାରିବେ ।

# ସତ କହିବା ପାଇଁ ସତ୍‌ସାହସ ଦରକାର

### ସତ କହିବାକୁ କିଆଁ ଡରିବି

◆ ଅମ୍ବିକା ପ୍ରସାଦ ଦାସ ◆


**ଶିକ୍ଷାବିତ୍‌ଙ୍କୁ ସାଥ୍ ଦେଇଥିଲେ ଆଉ ଜଣେ ଧର୍ମପ୍ରାଣା ମହିଳା। ସେ ସ୍ପଷ୍ଟଭାବେ କହିଥିଲେ- ହଇଓ ବାବୁ, ଯାହାଙ୍କୁ ଏତେ ଆକ୍ଷେପ କରୁଛ ସେ ଅନୁଷ୍ଠାନ ଲାଗି କ'ଣ କରିଛନ୍ତି ତାହା ସମସ୍ତେ ଦେଖିଛନ୍ତି । ତମେ କ'ଣ କରିଛ ଟିକେ କହିଲ.... ତାଙ୍କ ଉଦ୍ୟମରେ ଗଢ଼ିଉଠିଥିବା ଭିତ୍ତିଭୂମିର ଉପଯୋଗ କରି ଗତ କିଛି ବର୍ଷରେ ଲକ୍ଷ ଲକ୍ଷ ଟଙ୍କା ଠୁଳ କଲ- ସେ ଟଙ୍କା କୁଆଡ଼େ ଗଲା ତା'ର ହିସାବ ଲୋକଙ୍କୁ ଦେଲନି । ଚୋର୍ ମଚାଏ ସୋର୍ ଭଳି ଇଏ କି ପ୍ରକାର କଥା... ମହିଳାଙ୍କର ଏଇ କେଇପଦ ଉକ୍ତିରେ କବ୍‌ଜା କରିବାକୁ ଆସିଥିବା ଭଡ଼ାଟିଆ ଲୋକେ ଓ ତାଙ୍କ ରିଂ ମାଷ୍ଟରଙ୍କ ଅକଲ ଗୁଡୁମ୍। କେମିତି ପରିସର ଛାଡ଼ି ଅନ୍ୟଠି ବ୍ୟବସ୍ଥା ହୋଇଥିବା ଭୋଜିଭାତରେ ସାମିଲ ହେବେ ସେଇ ମାର୍ଗରେ ଚାଲିଲେ ସେମାନେ...**


ସେଦିନ ଅଫିସ୍‌କୁ ଆସିଥିବା ଜଣେ ପ୍ରିୟଜନ ପଚାରିଲେ– ସତ୍ୟ ଜାଣି ସୁଦ୍ଧା ସତ୍ୟାନୁସରଣ କରିବା ପରିବର୍ତ୍ତେ ମିଥ୍ୟାବାଦୀ ଦୁରାଚାରୀର ସାଥ୍ ଦେବା, ସତ୍ୟ କହିବାର ସାହସ ରଖୁନଥିବା ମଣିଷଙ୍କୁ କ'ଣ କୁହାଯିବ? କ'ଣ ପାଇଁ ସତ କହିପାରନ୍ତିନି ଏମାନେ?

ମୁଁ କହିଲି– ସତ କହିବାର ସତ୍‌ସାହସ ସମସ୍ତଙ୍କ ପାଖରେ ନଥାଏ । ଯାହାର ପାଇବାର ଆଶାନଥାଏ କି କିଛି ହରାଇବାର ଆଶଙ୍କା ନଥାଏ ସେ ହିଁ ସତ କହିପାରେ । ତା'ପାଖରେ ସତ କହିବାର ସତ୍‌ସାହସ ଥାଏ ।

ସେ ପୁଣି ପଚାରିଲେ– ତା' ହେଲେ କ'ଣ ସତ କହିବାର ସତ୍‌ସାହସ ରଖୁଥିବା ମଣିଷଙ୍କ ସଂଖ୍ୟା କମିଯାଉଛି? ଏଇ ଧରଣର ଲୋକେ ନ ରହିଲେ ଅସାଧୁ ଓ ଅସତ୍ୟର ସୌଦାଗରଙ୍କର ଦବ୍‌ଦବା ବଢ଼ିବନି?

ମୁଁ କହିଲି– ସତ କହିବାର ସାହସ ରଖୁଥିବା ଲୋକେ ଏବେ ବି ଅନେକ ସଂଖ୍ୟାରେ ଅଛନ୍ତି । ସେଇ ମଣିଷମାନଙ୍କ ଲାଗି ତ ବ୍ୟବସ୍ଥା ତିଷ୍ଠିଛି, ଅସାଧୁ ଓ ଅନୈତିକ ଲୋକେ ସବୁ କସରତ ପରେ ବି ସଫଳ ହୋଇପାରୁନାହାନ୍ତି । ତାଙ୍କ ଦ୍ୱନ୍ଦ୍ୱ ଦୂର କରିବା ଲାଗି ନିକଟରେ ଘଟିଥିବା ଏକ ଘଟଣା ସମ୍ପର୍କରେ ବିସ୍ତୃତ ଭାବେ ସୂଚାଇଥିଲି ତାଙ୍କୁ ।

ଏକ ଧର୍ମାନୁଷ୍ଠାନରେ ମିଟିଂ ବସିଥାଏ । ଗତ ଦୁଇ ଦଶନ୍ଧି ମଧ୍ୟରେ ଅନୁଷ୍ଠାନର ପ୍ରଭୂତ ବିକାଶ କ୍ଷେତ୍ରରେ ଭରପୂର ଯୋଗଦାନ ଦେଇଥିବା ଜଣେ ସମର୍ପିତ ମଣିଷକୁ ନିଚ୍ଚା ଦେଖାଇ ସବୁ ଶ୍ରେୟତକ ନିଜ ଖାତାରେ ଚଢ଼ାଇବା ଲାଗି ଉଦ୍ୟମରତ ସୁବିଧାବାଦୀ ଗୋଷ୍ଠୀକୁ ମୁହଁତୋଡ଼ ଜବାବ ଦେଇଥିଲେ ଜଣେ ଶିକ୍ଷାବିତ୍ ଓ ଅନ୍ୟଜଣେ ଧର୍ମପ୍ରାଣା ମହିଳା। ସବୁ ଜାଣିବି ଦାରୁଭୂତ ଭଳି ନୀରବ ରହୁଥିବା ଲୋକଙ୍କ ହାବଭାବ ଦେଖିବା ପରେ ବଡ଼ପାଟିଆ ପେଟିକଣ୍ଟ୍ରାକ୍ଟର ଯେତେବେଳେ ସମର୍ପିତ, ସଚ୍ଚୋଟ ମଣିଷକୁ ଆକ୍ଷେପ କଲା ସହିପାରିଲେନି ଶିକ୍ଷାବିତ୍ ଜଣକ ।

କହିଲେ– ଯିଏ ସମୟ, ସାଧନ ସବୁ ତ୍ୟାଗ କରି ଗଣଙ୍କ କଲ୍ୟାଣ ଲାଗି ଅନେକ କିଛି କରିଛନ୍ତି, ସେ ଏଠି କିଛି କହିପାରିବେନି? ହେଲେ ଭିତ୍ତିଭୂମି ଗଢ଼ିବାରେ କାଣିଚାଏ ଅବଦାନ ନଥାଇ ତା'ର ଭରପୂର ଉପଯୋଗ କରି ଆଖିବୁଜା ଲୁଟ୍‌ପାଟ କରୁଥିବା ଲୋକେ ବଡ଼ପାଟି କରି ଦବାଇଦେବେ, ମନଇଚ୍ଛା ବେଜିତ୍ କରିବେ ଇଏ କେଉଁ ପ୍ରକାର ନ୍ୟାୟ?

ଶିକ୍ଷାବିତ୍‌ଙ୍କର ସ୍ୱର ଉତ୍ତୋଳନ ପରେ ମାହୋଲ ବଦଳିଲା । ଭଡ଼ାଟିଆ ଲୋକଙ୍କୁ ଖୁଆଇପିଆଇ ଆଣି ଗଣଙ୍କ ଲାଗି ସୃଷ୍ଟି ହୋଇଥିବା ଭିତ୍ତିଭୂମିକୁ କବ୍‌ଜା କରିବା ଲାଗି ପେଟିକଣ୍ଟ୍ରାକ୍ଟର ଜଣକ ଯେଉଁ ମସୁଧା କରିଥିଲା ଫସର ଫାଟିଗଲା ମାତ୍ର କେଇ ମିନିଟ୍ ମଧ୍ୟରେ । ଠିକାଦାର ଓ ତାକୁ ମଦତ୍ ଦେଉଥିବା ଜଣେ ଅସାଧୁ ସରକାରୀ ଅଧିକାରୀ ସମ୍ଭବତଃ ଭାବିଥିଲେ– ଅନୁଷ୍ଠାନ ପରିସରରେ ଏତେ ସୁନ୍ଦର ଭିତ୍ତିଭୂମି ଗଢ଼ି ଉଠିଛି, ତାକୁ ଉପଯୋଗ କରି ପରିସରକୁ ବ୍ୟବସାୟୀକରଣ କରିଦେଲେ ଖାଲି ମୁନାଫା ଆଉ ମୁନାଫା। ହେଲେ କଣ୍ଟା ହେଉଛି ସେଇ ସମର୍ପିତ ସରଳ ମଣିଷଟି । ଯିଏ ଆସୁଛି ତା' ଅବଦାନ କଥା କହୁଛି... କହିବେନି ବା କେମିତି? ସମସ୍ତେ ଦେଖିଛନ୍ତି ଲୋକଟି ଦିନରାତି ଏକକରି କେବଳ ଯେ ଐକାନ୍ତିକ ଉଦ୍ୟମ କରିଥିଲା ତା' ନୁହେଁ ବରଂ ସାଙ୍ଗସାଥୀ, ବନ୍ଧୁବାନ୍ଧବ, ପ୍ରିୟ ପରିଜନଙ୍କ ସକ୍ରିୟ ସହଯୋଗ ଏପରିକି ନିଜ ପକେଟରୁ ପାଣି ଭଳି ଅର୍ଥ ବ୍ୟୟ କରିବାର ଫଳସ୍ୱରୂପ ଆଜି ଅସମ୍ଭବ ସମ୍ଭବ ହୋଇଛି। ଗଣଙ୍କ କଲ୍ୟାଣ ଲାଗି ଅନେକ କିଛି ଉପଲବ୍ଧ ହାତ ପା'ନ୍ତାରେ । ତେବେ ଏଥିନେଇ ନା ସେ ନିଜର ବଡ଼ିମା ବଖାଣିଛନ୍ତି ନା ପଦପଦବୀର ପତିଆରା ଜାହିର କରିଛନ୍ତି!! କିନ୍ତୁ ଏପରି ମଣିଷ ସାମ୍ନାରେ ଥିଲେ ପରିସରର ଉପଯୋଗ କରି ଲୁଟ୍‌ପାଟ ମସୁଧା ସଫଳ ହେବା କାଠିକର ପାଠ ଜାଣି ପେଟିକଣ୍ଟ୍ରାକ୍ଟର ଓ ତାକୁ ମଦତ୍ ଦେଉଥିବା ଲୋକେ ଏକ ଫନ୍ଦି କଲେ– କେହି ଚିହ୍ନା ପଡ଼ିବେନି, ଅନୁଷ୍ଠାନ ସହ ଆଦୌ ଜଡ଼ିତ ନଥିବା ଲୋକଙ୍କୁ ଭଡ଼ାରେ ଆଣିବେ। ବଡ଼ପାଟିଆ ପେଟିକଣ୍ଟ୍ରାକ୍ଟର ଆଗକୁ ବାହାରିବ– ଭଡ଼ାଟିଆ ଲୋକଙ୍କ ସହଯୋଗରେ ସମର୍ପିତ ଲୋକଟିକୁ ତିନି ତୁଣ୍ଡରେ ଛେଳିକୁ କୁକୁର କଲାଭଳି ତାହା ମିଛି କହି ବେଜିତ୍ କରିବେ । ଫଳରେ ସେ ସ୍ଥାନ ଛାଡ଼ି ଚାଲିଯିବ!!!

ସାଧାରଣତଃ ଆମ ଭିତରେ ଏମିତି ଅନେକେ ଅଛନ୍ତି ଯେଉଁମାନେ ଅତ୍ୟନ୍ତ ସୁବିଧାବାଦୀ ପ୍ରକୃତିର । ସତ ସାମ୍ନାରେ ଥିଲେ ବି ସେମାନେ କେବେବି ସତ୍ୟର ସାଥ୍ ଦିଅନ୍ତିନି । ସତ କହି କାହିଁକି କାହା ପାଖରେ ଅପ୍ରିୟ ହେବେ!! ତେଣୁ ଏଇ ଧରଣର ଲୋକେ ଚୁପ୍ ରହିଗଲେ ଏମାନଙ୍କ ଚାଲ୍ ସଫଳ ହେବାରେ ଅସୁବିଧା ହେବନି– ଏଇ ଆଶାବାନ୍ଧି ଥିଲେ ସେମାନେ ।

କିନ୍ତୁ ଶିକ୍ଷାବିତ୍‌ଙ୍କ ରୌଦ୍ରରୂପ ଦେଖି ପେଟିକଣ୍ଟ୍ରାକ୍ଟର ଅବାକ୍... ଏଥି ସହିତ ତା' ସହଯୋଗୀଙ୍କ କୌଣସି ଚାଲ୍ କାମ କଲାନି ।

ଶିକ୍ଷାବିତ୍ ରୋକ୍‌ଠୋକ୍ କହିଥିଲେ– ଯାହାଙ୍କୁ ତୁମେ ଗାଦିମାଡ଼ି ବସିଥିବାଠୁ ନେଇ ଅହଂକାରୀ ଆଦି କେତେ କ'ଣ କହୁଛ ଥରେ ଭାବିଲ– ସେ ଲୋକ କେବେ କାହାକୁ ନେହୁରା ହୋଇଥିଲା କୌଣସି ପଦପଦବୀ ପାଇଁ । ବରଂ ଯେତେବେଳେ ପରିସରରେ ଗଣଙ୍କ ପାଇଁ ବିଶେଷ କିଛି ବ୍ୟବସ୍ଥା ନଥିଲା, ତାଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ପଦରେ ବସାଇଲେ । ସେ ଦାୟିତ୍ୱକୁ ସମ୍ମାନ ଦେଇ ଅନେକ କିଛି କଲେ। ଯେଉଁ ଜମିରେ ଓ ତା' ଛାତ ତଳେ ବସି ଆକ୍ଷେପ କରୁଛ ସେ ଜମି ଓ ଛାତ ଆଗରୁ ଥିଲା କି? ଯେଉଁ ପରିସରକୁ ମଣ୍ଡପ ସଜାଇ ଲକ୍ଷ ଲକ୍ଷ ଟଙ୍କାର ପାଣ୍ଠି ସଂଗ୍ରହ କରୁଛ ସେତିକି ଗଢ଼ିବା ଲାଗି ସିଏ କେତେ କଷ୍ଟ ସ୍ୱୀକାର କରିଛନ୍ତି!! ଆଜି ସେପରି ସମର୍ପିତ ଲୋକକୁ ନିଚ୍ଚା ଦେଖାଇ ଅପମାନିତ କରୁଛ ତମକୁ କେବେବି ଧର୍ମ ସହିବନି । ସେ ଗାଦି ମାଡ଼ିବସିଥିବା କଥା କହୁଛ? କ'ଣ ଜାଣିଛ ତାଙ୍କ ତ୍ୟାଗ ବିଷୟରେ? ସବୁ କରି ନିଜ ଆଡୁ ପଦ ତ୍ୟାଗ କରିଥିବା ତ୍ୟାଗୀ ମଣିଷର ମୂଲ୍ୟ ତମ ଭଳି ଭୋଗୀ ଲୋକ କ'ଣ ବୁଝିବ?

ଶିକ୍ଷାବିତ୍‌ଙ୍କୁ ସାଥ୍ ଦେଇଥିଲେ ଆଉ ଜଣେ ଧର୍ମପ୍ରାଣା ମହିଳା। ସେ ସ୍ପଷ୍ଟଭାବେ କହିଥିଲେ– ହଇଓ ବାବୁ, ଯାହାଙ୍କୁ ଏତେ ଆକ୍ଷେପ କରୁଛ ସେ ଅନୁଷ୍ଠାନ ଲାଗି କ'ଣ କରିଛନ୍ତି ତାହା ସମସ୍ତେ ଦେଖିଛନ୍ତି । ତମେ କ'ଣ କରିଛ ଟିକେ କହିଲ.... ତାଙ୍କ ଉଦ୍ୟମରେ ଗଢ଼ିଉଠିଥିବା ଭିତ୍ତିଭୂମିର ଉପଯୋଗ କରି ଗତ କିଛି ବର୍ଷରେ ଲକ୍ଷ ଲକ୍ଷ ଟଙ୍କା ଠୁଳ କଲ– ସେ ଟଙ୍କା କୁଆଡ଼େ ଗଲା ତା'ର ହିସାବ ଲୋକଙ୍କୁ ଦେଲନି । ଚୋର୍ ମଚାଏ ସୋର୍ ଭଳି ଇଏ କି ପ୍ରକାର କଥା... ମହିଳାଙ୍କର ଏଇ କେଇପଦ ଉକ୍ତିରେ କବ୍‌ଜା କରିବାକୁ ଆସିଥିବା ଭଡ଼ାଟିଆ ଲୋକେ ଓ ତାଙ୍କ ରିଂ ମାଷ୍ଟରଙ୍କ ଅକଲ ଗୁଡୁମ୍। କେମିତି ପରିସର ଛାଡ଼ି ଅନ୍ୟଠି ବ୍ୟବସ୍ଥା ହୋଇଥିବା ଭୋଜିଭାତରେ ସାମିଲ ହେବେ ସେଇ ମାର୍ଗରେ ଚାଲିଲେ ସେମାନେ...

ଏଇ ଶିକ୍ଷାବିତ୍ ହୁଅନ୍ତୁ କି ଧର୍ମପ୍ରାଣା ମହିଳା ଜଣକ ହୁଅନ୍ତୁ ଏମାନଙ୍କ ମଧ୍ୟରୁ କେହିବି ସେଇ ଉଦ୍‌ଯୋଗୀ ଓ ସମର୍ପିତ ମଣିଷର ରକ୍ତ ସମ୍ପର୍କୀୟ ନଥିଲେ । ନା ସେମାନଙ୍କର ତାଙ୍କଠାରୁ କୌଣସି ପ୍ରାପ୍ତି ଆଶା ଥିଲା ନା ତାଙ୍କର ସାଥ୍ ଦେବା କାରଣରୁ କିଛି ହରାଇବାର ଆଶଙ୍କା ଥିଲା!! ଭରା ସଭାରେ ଅସତ୍ୟର ସୌଦାଗରମାନେ ସତ୍‌ମାର୍ଗୀ, ସମର୍ପିତ ମଣିଷକୁ ଟାର୍ଗେଟ କଲାବେଳେ ସହିପାରି ନଥିଲେ ସେମାନେ।

ସତ୍ୟର ଶକ୍ତି ଏତେ ଯେ ସତ୍‌ଶକ୍ତି ଆଗରେ ମିଥ୍ୟାଚାରୀଙ୍କ ସବୁ ଚାଲ୍ ମାରିଥିଲା ଫେଲ୍।

ଏହି ଘଟଣା ଶୁଣିଲା ପରେ ପ୍ରିୟଜନ ଏବେ ଆଶ୍ୱସ୍ତ ହୋଇଥିଲେ । ତାଙ୍କ ମୁହଁରୁ ସ୍ୱତଃ ବାହାରି ପଡ଼ିଲା– ସତ କହିବା ସତରେ ବଡ଼ କଥା ନୁହେଁ, ଏଥିଲାଗି ପ୍ରକୃତରେ ଦରକାର ସତ୍ ସାହସ।

# ବୌଦ୍ଧଧର୍ମରେ ଓଡ଼ିଆ ଆଗ

■ ଉତ୍କଳାନନ୍ଦ ଅଜୟ କୁମାର ବେହେରା ■

କେନ୍ଦ୍ରାପଡ଼ା ସନ୍ନିକଟ ମାତ୍ର ଜିଲ୍ଲା, ଯାଜପୁର, ଏହା ଦିନେ ଅଭଙ୍ଗ କଟକ ଜିଲ୍ଲା ଥିଲା । କେତେ ସାଧୁ ମହାତ୍ମା, ସନ୍ଥ ଦିବ୍ୟଗୁରୁ ଯଜ୍ଞକାରୀ ଅଗ୍ନିହୋତ୍ରୀ, ତତ୍କାଳ ଚଣ୍ଡମୁଣ୍ଡ ଶକ୍ତି ଧର ରାଜା ଜମିଦାର, ଏମାଟିର ଆସିଥିଲେ, ଚାଲିବି ଗଲେ, କ୍ଷେତ୍ର ତା'ର ସାକ୍ଷୀ, ଯଜ୍ଞପୁର ବୋଲି ଲୋକେ ଏ ଭୂମିକୁ ଅତୀବ ସମ୍ମାନ ଦେଖାଇ ଆସୁଛନ୍ତି। କାହିଁ ନେପାଳ ଦେଶ ସନ୍ନିକଟ କପିଳବାସ୍ତୁ ରାଜାମହଲ ସେଠାରେ ଜନ୍ମିତ ରାଜକୁମାର ଗୌତମ। ସେ ହେଲେ ସନ୍ନ୍ୟାସୀ । ତତ୍କାଳ ମଗଧ ଅଙ୍ଗ ରାଜ୍ୟ ର୍ବମାନର ବିହାର ତା'ମଧ୍ୟରେ ଗୟା, ସେଠାରେ ଜଙ୍ଗଲ ପାଖରେ ନିରଞ୍ଜନା ନଦୀ, ତତ୍କାଳ ଲୋକଙ୍କୁ ଶିକାର ନିଶାକୁ ଏଇ ନଦୀ ତଟରର ଗୁଳ୍ମଲତା ବୃକ୍ଷ ନାନା ପ୍ରକାର ତୃଣ ବହୁଳ ବଣରେ ବହୁତ ମୃଗ ସମ୍ବର, କୁତ୍ରା ବାସ କରୁଥିଲେ। ସେଠାରେ ଥିବା ଲୋକେ ଅତ୍ୟନ୍ତ ଜୀବ ହତ୍ୟା ନିତ୍ୟ କରୁଥିଲେ। ଏପରିକି ଶ୍ରଦ୍ଧରେ ମୃଗ ମାଂସ ଆବଶ୍ୟକ ଏହା ଜୋର କରି ପ୍ରଚାର ଚଳାଇ ମୃଗ ମାଂସର ଏକ ବଜାର ଖୋଲାଇ ଥିଲେ। ପୂର୍ବେ ରାଜା ମହାରାଜା ଜମିଦାର ସବାରୀ ପାନିକି ଦୋଳା, ଶଗଡ଼ରେ ଗୟା ଶ୍ରଦ୍ଧ ପାଇଁ ଯାଉଥିଲେ। ସେମାନଙ୍କ ମନରେ ପୁରାଇ ଦିଆଯାଇଥିଲା 'ଅରଣ୍ୟେ ମୃଗ ଶୁକର ରଣେ ଶତ୍ରୁମାରି, କ୍ଷାତ୍ରଧର୍ମେ ଏହାକୁ ଦୋଷ ନବିଚାରି, ମାଂସ ଭୁକ ମାନଙ୍କ ଏ ପ୍ରଚାର ଦୀପ ତେଜିଲେ ହାତ ଚିକ୍କଣ ପରି ହେଉଥଲା। ରାମାୟଣରେ ରାମ ଦଶରଥଙ୍କ ଶ୍ରାଦ୍ଧରେ ଗୟାଧାମ ଶ୍ରାଦ୍ଧକୁ ଆସି ମୃଗୟା ପାଇଁ ପୁରୋହିତ ପ୍ରେରଣାରେ ଏହି ଜଙ୍ଗଲକୁ ଯାଇ ବହୁ ବିଳମ୍ବ ହେବା ସହିତ ଶ୍ରାଦ୍ଧର ସମୟ ଅତିବାହିତ ହେବା କାଳ ଅତିବାହିତ ସମୟ ଆଗତ ବେଳେ ଦଶରଥଙ୍କ ସୂକ୍ଷ୍ମ ଆତ୍ମା ମା' ସୀତାଙ୍କୁ ପ୍ରଭାବିତ କରିବାରୁ ମା'ପରମା ବିଦୂଷି, ସେ ପିତୃ ଜନକପୁରୀ, ପଣ୍ଡିତଗଣଙ୍କ ଆଲୋଚନାରେ ଶୁଣିଥିଲେ, ପିତୃ ହୁଅନ୍ତୁ ଦେବତା ହୁଅନ୍ତୁ ତାଙ୍କର ମାନସପୂଜା ଉପଚାର ହୋଇପାରେ। ଶ୍ରାଦ୍ଧରେ ଯେଉଁ ଦ୍ରବ୍ୟ କଳ୍ପନାରେ ଅର୍ପଣ କରାଯିବ ସେ ନିଶ୍ଚୟ ଗ୍ରହଣ କରିବେ। ଏଇ ମାସରେ ସେ ପାଖ ଫଲଗୁ ନଦୀର ଘାଟରେ ବାଲି ପିଣ୍ଡ ଅମୃତ କଳ୍ପନା କରିଦେଇଥିଲେ ଯାହା ଦଶରଥ ପାଇଁ ତୃପ୍ତିଦାୟୀ ହୋଇଥିଲା।

ପରେ ରାମଲକ୍ଷ୍ମଣ ଆଉ ଆଡ଼ମ୍ବର ଶ୍ରାଦ୍ଧ ଦେବା ସମୟ ନଥିଲା। ଗୟରେ ଗୌତମ ବୁଦ୍ଧ, ନିରୀହ ଜୀବଙ୍କ ହତ୍ୟା, ରକ୍ତପାତ, ଲୋକଙ୍କ ନିଷ୍ଠୁରପଣ, ଆଉ ଜିହ୍ୱା ଲାଳସା ପାଇଁ ଦେବ ଉପଚାର, ପିତୃ ଉପଚାରରେ ଜୀବ ବଳି ସଂଯୋଗକୁ କୁସଂସ୍କାର ଅନ୍ଧ ବିଶ୍ୱାସ ଭାବି ଅନୁନୟ ବିନୟ ହୋଇ କିଛି ଫଳ ପାଇଲେ ନାହିଁ। ଏପରିକି ସମ୍ରାଟ ବିମ୍ବିସାରଙ୍କୁ ଜଣାଇ ଏ ପ୍ରଥା ବନ୍ଦ କରିପାରିନଥିଲେ। ଗୟାଧାମରେ ଅକ୍ଷୟବଟ ଅଛି। ଶ୍ରାଦ୍ଧ ତାର ମୂଳରେ ଦିଆଯାଏ। ଲୋକମାନ୍ୟତା ବଟ ବୃକ୍ଷ ମାନଙ୍କର ସର୍ବତ୍ର ଅଶ୍ୱସ୍ତ ଗଛକୁ ଗୀତାରେ ବିଷ୍ଣୁ ବୃକ୍ଷ କୁହାଗଲେ ବି ଲୋକଙ୍କୁ କିଛି ନାକଟେକା ଥିଲା। ତା' ମୂଳରେ କେହି ରାତ୍ରି ବାସ କରନ୍ତି ନାହିଁ ବିଶ୍ୱାସ କରାଯାଏ କୁଆଡ଼େ ସେ ଗଛରେ ହତଲକ୍ଷ୍ମୀ ବାସ କରନ୍ତି। ଏମିତି ଏକ ଗଛକୁ ଗୌତମ ବାଛି ତାହାରି ମୂଳରେ ନଖାଇ ନପିଇ ଘୋର ତପ ଆଚରଣ କଲେ। ବହୁତ ଦିନର ସାଧନା ତପ ତାଙ୍କର ସିଦ୍ଧ ହେଲା। ସୁଜାତାର ଖିରି ଖାଇ ତାଙ୍କର ଉପବାସ ଭାଙ୍ଗିଥିଲେ। ଗୌତମ ଆତ୍ମଜ୍ଞାନ ପାଇ ବୁଦ୍ଧଂ ହେଲେ । ଆମ ଓଡ଼ିଆ ଭୂୟାଁ ବଂଶୋଭାବ ଦୁଇଜଣ ତପସ୍ତୁ, ଭଲୁକ ସେହି ଜଙ୍ଗଲ ପଥରେ ପଣ୍ୟବାହୀ ଶଗଡ଼ରେ ଯିବାବେଳେ ଗୌତମ ବୁଦ୍ଧଙ୍କ ସହଚର୍ଯ୍ୟ ପାଇଥିଲେ। ତାଙ୍କର ସେବାରେ କିଛି ସମୟ କଟାଇ ଥିଲେ, ଆମ ରାଜ୍ୟର ପାନ୍ଥମାନେ ବାଟକୁ ସାଥିରେ କିଛି ଶୁଖିଲା ଖାଦ୍ୟ ନେଇକି ଯାଇଥାନ୍ତି। ଏଥିରେ ଅରିଶା ପିଠା ଅନ୍ୟତମ ବୁଦ୍ଧଙ୍କୁ ବଣିକ ଦ୍ୱୟ ସେହି ଅରିଶା ପିଠା ଖୁଆଇଥିଲେ।

ବୁଦ୍ଧ ପ୍ରଥମେ ଏଇ ଦୁଇ ବଣିକ ଭୂୟାଁଙ୍କୁ ଦୀକ୍ଷିତ କରିଥିଲେ। ସେ ଅଶ୍ୱସ୍ତ ଗଛର ନାମହେଲା ବୋଧି ଦ୍ରୁମ, ତପ ଭୂମି ହେଲା, ବୁଦ୍ଧଗୟା, ପର ସମୟ ବୁଦ୍ଧଙ୍କ ଧର୍ମରେ ରାଜା ବିମ୍ବିସାର ପ୍ରଭାବିତ ହେଲେ, ଗୟାରୁ ଶ୍ରାଦ୍ଧ ଉଦ୍ଦେଶ୍ୟରୁ ଜୀବ ମାଂସ ରାଜଜ୍ଞାରେ ବନ୍ଦ ହେଲା। ଗୟାରେ ପୂର୍ବପରି ଶ୍ରଦ୍ଧକର୍ମ ଚାଲିଛି ହେଲେ ଯବ ଗହମ ଚୂର୍ଣ୍ଣ ଛତୁଆରେ ହିଁ ହେଉଛି। ପରବର୍ତ୍ତୀ କାଳରେ ସମ୍ରାଟ ଅଶୋକ ବୌଦ୍ଧଧର୍ମର ପ୍ରସାରଣ କରିଥିଲେ। ସେ ଭୂୟାଁ ବଣିକ ବର୍ତ୍ତମାନର କେନ୍ଦୁଝରର ଲୋକ ଥିଲେ। ଏ ରାଜ୍ୟରେ ଭୂୟାଁ ବଂଶ କିଛି ବଡ଼ ଅଞ୍ଚଳରେ ରାଜୁତି କରୁଥିଲେ। କଳିଙ୍ଗ ଯୁଦ୍ଧ ଏଇ ରାଜ୍ୟରେ ହୋଇଥିଲା ଯହିଁରେ ଅଶୋକ ଥିଲେ ଆକ୍ରମଣକାରୀ, ଦୟା ନଦୀର କୂଳରେ ଏ ଯୁଦ୍ଧ ହେଲେ ବି ମଧ୍ୟ ଭୂମି ଭୁବନେଶ୍ୱରର ବଧି ନଦୀ ଅଞ୍ଚଳରେ ହୋଇଥିଲା। ପର୍ବତରେ ତତ୍କାଳୀନ ରାଜାମାନେ ଦୁର୍ଗ ବାନ୍ଧୁଥିଲେ ଧଉଳି ସେପରି ଏକ ଦୁର୍ଗ ଥିଲା। ଏହା ପାଟଳିପୁତ୍ରରୁ ଏ ଦୁର୍ଗକୁ ଅଶୋକ ସେନାନେଇ କେମିତି ଆସିଲେ କେହି ବି ବାଧା ଦେଇନଥିଲେ ଏହା ଭାବିଲେ ଏବେ ଆଶ୍ଚର୍ଯ୍ୟ ଲାଗୁଛି, ଧଉଳି ଶାନ୍ତିସ୍ତୂପ ସେ ଯୁଦ୍ଧର ସ୍ମୃତି ବାହାନ କରୁଛି । ଆଉ ନଦୀର ନାମ ଦୟା ହୁଏତ ବୌଦ୍ଧ ଧର୍ମର ଗୁରୁମାନେ କରି ଥାଇପାରନ୍ତି। ଶିଶୁପାଳ ଗଡ଼ରୁ କଳିଙ୍ଗ ସେନା ଚାଲଣ ହୋଇଥାଇପାରେ ।


*ଅରୁଣୋଦୟ ମାର୍କେଟ, କଟକ, ମୋ.୯୪୩୭୦୩୧୨୫୩*


# ଧ୍ୟାନ-ଧାରଣା- ସମାଧି ହେଉଛି ଆଭ୍ୟନ୍ତରୀଣ ଶୁଦ୍ଧିର ଗହନ ଅଭ୍ୟାସ

■ ଡଃ ଅମୂଲ୍ୟ କୁମାର ପଣ୍ଡା ■

ପତଞ୍ଜଳି ଋଷିଙ୍କ ଯୋଗସୂତ୍ର ଅନୁସାରେ ଯୋଗ ଆଠ ପ୍ରକାରର ବା ଯୋଗ ସାଧନା ନିମ୍ନଲିଖିତ ଆଠଟି ଚରଣ ଦେଇ ସମ୍ପନ୍ନ ହୁଏ । ଯଥା – ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହର, ଧାରଣା, ଧ୍ୟାନ, ସମାଧି । ପ୍ରଥମ ଚାରିଟି ଚରଣ– ଯଥାକ୍ରମେ ଯମ, ନିୟମ, ଆସନ, ପ୍ରାଣାୟାମ ହେଉଛି ବାହ୍ୟ ଶୁଦ୍ଧିର କ୍ରିୟା ଓ ପରବର୍ତ୍ତୀ ଚାରିଟି ଚରଣ–ପ୍ରତ୍ୟାହାର, ଧ୍ୟାନ, ଧାରଣା, ସମାଧି ହେଉଛି ଆଭ୍ୟନ୍ତରୀଣ ଶୁଦ୍ଧିର ଗହନ ଅଭ୍ୟାସ । ପ୍ରଥମ ଚାରିଟି ଚରଣ ସୁଗମ ଓ ପରବର୍ତ୍ତୀ ଚାରିଟି ଚରଣ କଷ୍ଟସାଧ୍ୟ । ସ୍ୱାମୀ ବିବେକାନନ୍ଦ ଯୋଗ ଶାସ୍ତ୍ର ଉପରେ ଦେଇଥିବା ବର୍ଣ୍ଣତା ଅନୁଯାଇ– ପ୍ରତ୍ୟେକଟି ବ୍ୟକ୍ତିତ୍ୱକୁ ବିକଶିତ କରିବାକୁ ହେବ । ସମସ୍ତେ ପରିଶେଷରେ ଗୋଟିଏ କେନ୍ଦ୍ରରେ ମିଳିତ ହେବେ । କଳ୍ପନା ହିଁ ପ୍ରେରଣାର ଉତ୍ସ ଏବଂ ଚିନ୍ତାର ଭିତ୍ତି । ପ୍ରକୃତିର ବ୍ୟାଖ୍ୟା ଆମ ଭିତରେ ହିଁ ରହିଛି, ପଥର ତଳକୁ ପଡ଼ିଥାଏ– ଏହା ବାହ୍ୟ ଘଟଣା ମାତ୍ର କିନ୍ତୁ ମାଧ୍ୟାକର୍ଷଣ ଆବିଷ୍କାର କରିବାର ଶକ୍ତି ଆମ ଭିତରେ ହିଁ ଥିଲା, ବାହାରେ ନୁହେଁ । ଯେଉଁ ବ୍ୟକ୍ତି ବେଶୀ ଖାଏ ବା ଯେଉଁ ବ୍ୟକ୍ତି ଅନାହାରୀ, ଯେ ବେଶୀ ଶୁଏ ବା ଯେ ଖୁବ୍ କମ୍ ଶୁଏ, ସେ କେବେ ଯୋଗୀ ହୋଇପାରିବ ନାହିଁ । ଅଜ୍ଞାନ, ଚଞ୍ଚଳତା, ଈର୍ଷା, ଆଳସ୍ୟ ଓ ତୀବ୍ର ଆସକ୍ତି – ଏଗୁଡ଼ିକ ଯୋଗାଭ୍ୟାସର ପରମ ଶତ୍ରୁ । ଯୋଗୀଙ୍କ ପକ୍ଷରେ ତିନୋଟି କଥା ବିଶେଷ ପ୍ରୟୋଜନୀୟ । ଯଥା, ପ୍ରଥମ – ଦେହ ଓ ମନର ପବିତ୍ରତା । ସମସ୍ତ ପ୍ରକାର ମଳିନତା, ଯାହା ମନକୁ ନୀଚ ସ୍ତରକୁ ନେଇଯାଏ, ଯୋଗୀ ତାହା ପରିତ୍ୟାଗ କରିବେ । ଦ୍ୱିତୀୟ– ଧୈର୍ଯ୍ୟ । ପ୍ରଥମେ ପ୍ରଥମେ ଅନେକ ଆଶ୍ଚର୍ଯ୍ୟଜନକ ଦର୍ଶନ ଇତ୍ୟାଦି ହେବ, ତା'ପରେ ସେସବୁ ବନ୍ଦ ହୋଇଯିବ । ଏହି ସମୟଟି ସବୁଠାରୁ କଠିନ ଖୁବ୍ ଧୈର୍ଯ୍ୟ ଦରକାର । ଧୈର୍ଯ୍ୟ ଧରି ରହିପାରିଲେ ଶେଷରେ ସତ୍ୟଲାଭ ନିଶ୍ଚୟ ହେବ । ତୃତୀୟ – ଅଧ୍ୟବସାୟ ଭଲ, ମନ୍ଦ, ସୁସ୍ଥ, ଅସୁସ୍ଥ– ସକଳ ଅବସ୍ଥାରେ ଯୋଗାଭ୍ୟାସ କରିଯାଅ ଗୋଟିଏ ଦିନ ମଧ୍ୟ ଯେପରି ବ୍ୟତିକ୍ରମ ନ ହୁଏ ।

ଯୋଗସାଧନାର ସବୁଠାରୁ ପ୍ରଶସ୍ତ ସମୟ ହେଉଛି ଦିନ ଓ ରାତ୍ରିର ସନ୍ଧିକ୍ଷଣ – ସେ ସମୟରେ ଦେହ ଓ ମନ ଖୁବୁ ଶାନ୍ତ ଥାଏ, ଚଞ୍ଚଳତା ଓ ଅବସାଦ ଇତ୍ୟାଦି ସେ ସମୟରେ ନ ଥାଏ । ଯଦି ସେତେବେଳେ ଯୋଗାଭ୍ୟାସ ନ କରିପାର ତେବେ ନିଦ୍ରାଭଙ୍ଗ ପରେ ଏବଂ ଶୋଇବା ଆଗରୁ କରିବ । ବ୍ୟକ୍ତିଗତ ପରିଚ୍ଛନ୍ନତା ଖୁବ୍ ପ୍ରୟୋଜନ ଯାହା ଆମର ପ୍ରତିଦିନ ସ୍ନାନ କୁ ବୁଝାଏ । ସ୍ନାନ ପରେ ଦୃଢ଼ ଭାବରେ ଆସନରେ ଉପବିଷ୍ଟ ହେବ ଓ ମନେ କରିବ ଯେ ତୁମେ ପାହାଡ଼ ପରି ଅଟଳ, କୌଣସି ଜିନିଷ ତୁମକୁ ଟଳାଇପାରିବ ନାହିଁ । ମେରୁଦଣ୍ଡ ଉପରେ ଜୋର୍ ନ ଦେଇ ଅଣ୍ଟା, ବେକ ଓ ମୁଣ୍ଡ ସିଧା ରଖିବ । ମେରୁଦଣ୍ଡ ଭିତରେ ସମସ୍ତ ପ୍ରକାର କ୍ରିୟା ହୁଏ, ତେଣୁ ଦୁର୍ବଳ କଲେ ଚଳିବ ନାହିଁ । ପାଦର ଅଙ୍ଗୁଳିରୁ ଆରମ୍ଭ କରି ଧୀରେ ଧୀରେ ଶରୀରର ପ୍ରତ୍ୟେକ ଅଙ୍ଗକୁ ସ୍ଥିର କରିବ । ଏହା ମନେ ମନେ ଚିନ୍ତା କରିବ ଓ ପ୍ରୟୋଜନ ବୋଧହେଲେ ପ୍ରତି ଅଙ୍ଗକୁ ସ୍ପର୍ଶ କରିବ । କ୍ରମେ କ୍ରମେ ନିମ୍ନ ଭାଗରୁ ଶରୀରର ପ୍ରତି ଅଙ୍ଗ ସ୍ଥିର କରି କରି ଉପର ପର୍ଯ୍ୟନ୍ତ ଆସିବାକୁ ହେବ, ଗୋଟିଏ ହେଲେ ଅଙ୍ଗ ଯେପରି ବାଦ୍ ନ ଯାଏ । ତା'ପରେ ସମସ୍ତ ଶରୀରକୁ ସ୍ଥିର ରଖିବାକୁ ପଡ଼ିବ । ସତ୍ୟଲାଭ ନିମିତ୍ତ ଭଗବାନ ତୁମକୁ ଏହି ଦେହ ଦେଇଛନ୍ତି ତେଣୁ ଏହି ନୌକାକୁ ଆଶ୍ରୟ କରି ସଂସାରସାଗର ଉତ୍ତୀର୍ଣ୍ଣ ହୋଇ ଚିରନ୍ତନ ସତ୍ୟର ରାଜ୍ୟକୁ ଯିବାକୁ ହେବ । ଏହା କରିବା ପରେ ଦୁଇ ନାସାରନ୍ଧ୍ର ଦେଇ ଗଭୀର ଶ୍ୱାସ ଗ୍ରହଣ କରିବ, ପରେ ଦୁଇ ନାସିକା ଦେଇ ନିଃଶ୍ୱାସ ତ୍ୟାଗ କରିବ । ତାପରେ ଯେତେ ସମୟ ସ୍ୱଚ୍ଛନ୍ଦ ଭାବରେ ପାରିବ, ଶ୍ୱାସ ରୁଦ୍ଧ କରି ରହିବ । ଏହିପରି ଚାରି ଥର କରିବା ପରେ ସ୍ୱାଭାବିକ ଭାବେ ନିଃଶ୍ୱାସ ପ୍ରଶ୍ୱାସ ନେବ ଏବଂ ଜ୍ଞାନାଲୋକ ନିମିତ୍ତ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବ ଛ ଯେ ଏହି ବିଶ୍ୱ ସୃଷ୍ଟି କରିଛନ୍ତି, ତାଙ୍କର ମହିମା ମୁଁ ଧ୍ୟାନ କରୁଛି, ସେ ମୋର ମନକୁ ପ୍ରବୁଦ୍ଧ କରନ୍ତୁ– ଆସନରେ ଉପବିଷ୍ଟ ହୋଇ ଦଶ ପନ୍ଦର ମିନିଟ୍ ଏହି ମନ୍ତ୍ରଟିର ଅର୍ଥ ଚିନ୍ତା କରିବ । ଯେଉଁସବୁ ଉପଲବ୍ଧି ବା ଦର୍ଶନାଦି ହେବ, ଗୁରୁ ବ୍ୟତୀତ ଅନ୍ୟ କାହାକୁ ତାହା କହିବ ନାହିଁ । ଯେତେଦୂର ସମ୍ଭବ କମ୍ କଥା କହିବ । ସତ୍‌ଚିନ୍ତା କରିବ, କାରଣ ଆମେ ଯାହା ଚିନ୍ତା କରୁ ତାହା ହୋଇଯାଉ । ସତ୍‌ଚିନ୍ତା ମନର ସମସ୍ତ ମଳିନତା ଦଗ୍ଧ କରିବାରେ ସାହାଯ୍ୟ କରେ। ଯୋଗୀ ବ୍ୟତୀତ ଅନ୍ୟ ସମସ୍ତେ କ୍ରୀତଦାସ ତୁଲ୍ୟ । ମୁକ୍ତିଲାଭ ପାଇଁ ଗୋଟିଏ ପରେ ଗୋଟିଏ ବନ୍ଧନ କାଟିଦେବାକୁ ପଡ଼ିବ ।

ଅତୀନ୍ଦ୍ରିୟ ସତ୍ତାକୁ ସମସ୍ତେ ହିଁ ଜାଣିପାରନ୍ତି । ଭଗବାନ ଯଦି ସତ୍ୟ ହୁଅନ୍ତି, ତେବେ ତାଙ୍କୁ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରିବାକୁ ପଡ଼ିବ ଆତ୍ମା ଯଦି ବାସ୍ତବ ହୁଅନ୍ତି, ତେବେ ନିଶ୍ଚୟ ଆମେ ତାଙ୍କୁ ଦର୍ଶନ ଓ ଅନୁଭବ କରିପାରିବା । ଆତ୍ମବସ୍ତୁ ବୋଲି କିଛି ଅଛି କି ନାହିଁ, ତାହା ବୁଝିବାର ଉପାୟ– ଆମମାନଙ୍କୁ ଏପରି କିଛି ହେବାକୁ ହେବ, ଯାହା ଦେହ ନୁହେଁ । ଯୋଗୀମାନେ ଆମର ଇନ୍ଦ୍ରିୟଗୁଡ଼ିକୁ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ କରିଛନ୍ତି– ଜ୍ଞାନେନ୍ଦ୍ରିୟ ଏବଂ କର୍ମେନ୍ଦ୍ରିୟ ଅଥବା ଏହାକୁ ଜ୍ଞାନ ଓ କର୍ମ କୁହାଯାଏ । ଅନ୍ତରେନ୍ଦ୍ରିୟ ବା ମନର ସ୍ତର ଚାରିଟା । ପ୍ରଥମ– ମନଃ, ମନନ ବା ଚିନ୍ତାଶକ୍ତି । ଏହାକୁ ସଂଯତ ନ କଲେ ମନର ସମସ୍ତ ଶକ୍ତି ନଷ୍ଟ ହୋଇଯିବ କିନ୍ତୁ ସଂଯତ କରିପାରିଲେ ଏହି ମନ ହିଁ ଅଦ୍ଭୁତ ଶକ୍ତିର ଆଧାର ହୋଇଉଠିବ । ଦ୍ୱିତୀୟ– ବୁଦ୍ଧି ବା ଇଚ୍ଛାଶକ୍ତି ଯାହାକୁ ଆମେ ବୋଧଶକ୍ତି ମଧ୍ୟ କହନ୍ତି । ତୃତୀୟ– ଅହଂକାର ବା 'ଅହଂବୁଦ୍ଧି' । ଚତୁର୍ଥ – ଚିତ୍ତ : ଏହି ଉପାଦାନଦ୍ୱାରା ଆମର ସମସ୍ତ ବୃତ୍ତି କ୍ରିୟା କରୁଛି ମନର ଭିତ୍ତିସ୍ଥଳ ସକଳ ବୃତ୍ତିର ଆଧାରସ୍ୱରୂପ । ଏହା ଯଦି ସମୁଦ୍ର ହୁଏ, ତାହାହେଲେ ବୃତ୍ତିଗୁଡ଼ିକ ତାହାର ତରଙ୍ଗ ପରି । ଚିତ୍ତବୃତ୍ତିନିରୋଧକୁ ଯୋଗ କହନ୍ତି । ଯୋଗ ଗୋଟିଏ ବିଜ୍ଞାନ, ଯାହାର ସାହାଯ୍ୟରେ ଆମେ ଚିତ୍ତକୁ ବିଭିନ୍ନ ବୃତ୍ତିରେ ରୂପାନ୍ତରିତ ହେବା ବନ୍ଦ କରିପାରିବା । ଚନ୍ଦ୍ରର ପ୍ରତିବିମ୍ବ ଯେପରି ସମୁଦ୍ରଢେଉ ଉପରେ ପଡ଼ି ଅସ୍ପଷ୍ଟ ହୋଇଯାଏ, ଆତ୍ମାର ପ୍ରତିବିମ୍ବ ମଧ୍ୟ ସେହିପରି ମନର ତରଙ୍ଗାଘାତରେ ଖଣ୍ଡବିଖଣ୍ଡ ହୋଇଯାଏ । ସମୁଦ୍ର ନିସ୍ତରଙ୍ଗ ହୋଇ ଯେତେବେଳେ ଦର୍ପଣ ପରି ଶାନ୍ତ ହୁଏ, ସେତେବେଳେ ଚନ୍ଦ୍ରର ପୂର୍ଣ୍ଣ ପ୍ରତିବିମ୍ବ ଆମେ ସେଥିରେ ଦେଖିପାରୁ ଠିକ୍ ସେହିପରି ମନର ଉପାଦାନ ଚିତ୍ତ ଯେତେବେଳେ ସଂଯମଦ୍ୱାରା ଶାନ୍ତ ହୋଇଯାଏ, ସେତେବେଳେ ଆତ୍ମଦର୍ଶନ ହୁଏ । ମନର ଉପାଦାନ ଚିତ୍ତ, ଶରୀର ନୁହେଁ– ସୂକ୍ଷ୍ମତର ଜଡ଼ବିଶେଷ ଏବଂ ଚିରକାଳ ଦେହଦ୍ୱାରା ଆବଦ୍ଧ ହୋଇ ରହେ ନାହିଁ । ମଝିରେ ମଝିରେ ଆମର ଦେହ–ବନ୍ଧନ ଯେ ଶିଥିଳ ହୋଇଯାଏ, ତାହା ହିଁ ଏହାର ପ୍ରମାଣ । ଇନ୍ଦ୍ରିୟସମୂହକୁ ବଶୀଭୂତ କରି ଆମେ ଏହାର ଅଭ୍ୟାସ କରିପାରିବା । ଏହି ଅବସ୍ଥା ସଂପୂର୍ଣ୍ଣ ଆୟତ୍ତ ହେଲେ ଆମେ ସମଗ୍ର ଜଗତକୁ ନିୟନ୍ତ୍ରଣ କରିପାରିବା, କାରଣ ଇନ୍ଦ୍ରିୟଗଣ ଯେଉଁସବୁ ବିଷୟ ଆମ ନିକଟରେ ପହଞ୍ଚାଇ ଦିଅନ୍ତି, ତାହା ହିଁ ଆମର ଜଗତ । ସ୍ୱାଧୀନତା ହିଁ ଉଚ୍ଚତର ଜୀବନର ଚିହ୍ନ । ଇନ୍ଦ୍ରିୟ ବନ୍ଧନରୁ ନିଜକୁ ମୁକ୍ତ କରିପାରିଲେ ଆଧ୍ୟାତ୍ମିକ ଜୀବନ ଆରମ୍ଭ ହୁଏ ।


*ଅରଙ୍ଗାବାଦ ବରୀ ଯାଜପୁର ମୋ– ୯୯୩୮୯୦୬୦୭୦*

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୦ ନଭେମ୍ବର ୨୦୨୫ । ଗୁରୁବାର

## ୨୬ରେ ବିଜେଡିର ଜନସମ୍ପର୍କ ଯାତ୍ରା

**କେନ୍ଦ୍ରାପଡ଼ା,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୨୬ତାରିଖରେ ବିଜୁ ଜନତା ଦଳର କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଜନସଂପର୍କ ପଦଯାତ୍ରା କରିବ । କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଅନୁଷ୍ଠିତ ସାଂଗଠନିକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ସମବେତ ନେତା ପ୍ରତିନିଧି ଓ କର୍ମୀମାନଙ୍କୁ ଆହ୍ୱାନ ଦେଇ ବିଜୁ ଜନତା ଦଳର ଲୋକ ସମ୍ପର୍କ ପୁନଃସ୍ଥାପନ ଓ ଶକ୍ତି ପ୍ରଦର୍ଶନ ପୂର୍ଣ୍ଣ ସହଯୋଗ କରିବାକୁ ନିବେଦନ କରିଥିଲେ । କେନ୍ଦ୍ରାପଡାବାସୀଙ୍କ ସେବା ତଥା ସ୍ୱାଭିମାନ ସୁରକ୍ଷା ପାଇଁ ବିଜୁ ଜନତା ଦଳ ପ୍ରତିଜ୍ଞା ବଦ୍ଧ ଏବଂ ଏହି ସଂକଳ୍ପ ପୂରଣ କରିବା ଲକ୍ଷ୍ୟରେ ସେ ଘୋଷଣା କରିଥିଲେ ଯେ ଲୋକଙ୍କ ସହ ରହିବେ, ଲୋକଙ୍କ ପାଇଁ ଲଢିବେ ଓ ବିଧାନସଭାକୁ ଜଗିବେ । ଏଥି ନିମନ୍ତେ ଶ୍ରୀ ବେହେରା ବିଜୁ ପରିବାର ସମସ୍ତ ବନ୍ଧୁ ଓ କେନ୍ଦ୍ରାପଡାବାସୀଙ୍କ ସହଯୋଗ କାମନା କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ଲିଲିତା ଦାସ, ଆଲୋକ ସାହୁ, ଯଯାତି ମହାନ୍ତି, ଦୁର୍ଗାଶିଷ୍ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ନିର୍ମଳା ମହାନ୍ତି, ରାଜେଶ ଦାସ, ହିରଣ୍ୟ ପଣ୍ଡା, ରଞ୍ଜିତ କୁମାର ସାହୁ, ଉମେଶ ନାୟକ, ପ୍ରତାପ ନାରାୟଣ ମହାପାତ୍ର, ଲୋହିତ ମହାନ୍ତି, ସେକ୍ ଚନ୍ଦନ, ଲୋପାମୁଦ୍ରା ବାରିକ, ରାଜେଶ ମହାନ୍ତି, ମାନସ ପରିଡା, ସୁରେନ୍ଦ୍ର ଜେନା, ରଶ୍ମି ରଞ୍ଜନ ରାଉତ, ମୋହନ ଚରଣ ଆଚାର୍ଯ୍ୟ, ପ୍ରଭାତ ଉଡାନ୍ ସିଂ, ସଂଗମ କେଶରୀ ସାମଲ, ସମ୍ମିତ ଶ୍ରୀ ଚନ୍ଦନ ପ୍ରମୁଖ ସାମିଲ ହୋଇ ୨୬ ନଭେମ୍ବର ଜନସମ୍ପର୍କ ଅଭିଯାନକୁ ମହାଅଭିଯାନରେ ପରିଣତ କରିବା ପାଇଁ ଶପଥ ଘୋଷଣା କରିଥିଲେ । ଏହି ଅବସରରେ ବିଜୁ ଜନତା ଦଳ ତରଫରୁ କେନ୍ଦ୍ରାପଡା ପୌରାଞ୍ଚଳର ଯୁବ ନେତା ସଂଜୟ ଶତପଥୀ ଓ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଅକାଳ ବିୟୋଗରେ ଶୋକପ୍ରକାଶ କରାଯାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

## ବିଦ୍ୟାଳୟରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

**କେନ୍ଦ୍ରାପଡ଼ା,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାଲ ବୈଜ୍ଞାନିକ ପ୍ରଦର୍ଶନୀ କେନ୍ଦ୍ରାପଡା ବାରିମୁଳ ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଉତ୍ସାହଭରା ଭାଗୀଦାରି ସହିତ ଆୟୋଜିତ ହୋଇଛି । ପ୍ରଧାନଶିକ୍ଷକ ଶଶି କୌଶଳ ଏହି ପ୍ରଦର୍ଶନୀର ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକ ଚିନ୍ତାଧାରା ଓ ସୃଜନଶୀଳତା ବିକାଶ କରିବାକୁ ପ୍ରେରିତ କରିଥିଲେ । ବିଜ୍ଞାନ ବିଭାଗର କନଭେନର ଓ ଏଚଓଡି ଭି. ଶୋଭାଙ୍କ ତତ୍ୱାବଧାନରେ ଏହି ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନେ ବିଭିନ୍ନ ସୃଜନଶୀଳ ଆଦର୍ଶ ଏବଂ କାର୍ଯ୍ୟକାରୀ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଯାହା ବୈଜ୍ଞାନିକ ଧାରଣାର ବ୍ୟବହାରିକ ପ୍ରୟୋଗକୁ ପ୍ରତିଫଳିତ କରୁଥିଲା । ଶିକ୍ଷକମାନେ ଏହି ପଦର୍ଶନୀକୁ ଅନୁଧ୍ୟାନ କରି ଛାତ୍ରଛାତ୍ରୀଙ୍କ ଶ୍ରମ, ଆତ୍ମବିଶ୍ୱାସ ଓ ନୂତନତାକୁ ପ୍ରଶଂସା କରିଥିଲେ । ଉତ୍ସାହପୂର୍ଣ୍ଣ ପରିବେଶରେ କାର୍ଯ୍ୟକ୍ରମର ସଫଳ ହୋଇଥିଲା । ଯାହା ଛାତ୍ରଛାତ୍ରୀମାନଙ୍କ ମନରେ ଅନ୍ୱେଷଣ ମନୋଭାବ ଓ ପ୍ରାୟୋଗିକ ଶିକ୍ଷାକୁ ଆରୋହିତ କରିଥିଲା । ଏହି ବୈଜ୍ଞାନିକ ପଦର୍ଶନୀରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ ।

## ସାଂସଦ କ୍ରୀଡା ମହୋତ୍ସବ

**କେନ୍ଦ୍ରାପଡ଼ା,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର ବଟପଡିଆରେ ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ୬ନମ୍ବର ଜିଲ୍ଲା ପରିଷଦ ଜୋନସ୍ତରୀୟ ସାଂସଦ କ୍ରୀଡା ମହୋତ୍ସବ ମଙ୍ଗଳବାର ଉଦଘାଟିତ ହୋଇଯାଇଛି । ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦାଘାଟନୀ ଉତ୍ସବରେ ସାଂସଦ ଖେଳ ମହୋତ୍ସବର ଜିଲ୍ଲା ସହ ସଂଯୋଜକ ଅମିତାଭ ସୁଆର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ । ଏହି ଉତ୍ସବରେ ଥିବା ସାଂସଦଙ୍କ ପ୍ରତିନିଧି ଉପୀନ କୁମାର ରାଉତ, ବିଶିଷ୍ଟ ଶିକ୍ଷାବୀତ ତଥା ବାସ୍ତୁ ଶାସ୍ତ୍ରବୀତ ନାରାୟଣ ଚନ୍ଦ୍ର ପତି, ଅବସରପ୍ରାପ୍ତ ସମବାୟ ବିଭାଗ ନିର୍ଦ୍ଦେଶକ ସୁରଥ କୁମାର ସେଠୀ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ସାଂସଦ ଖେଳ ମହୋତ୍ସବ ବ୍ଲକ ସହ ସଂଯୋଜକ ବନ୍ଦନାରାଣୀ ରାଉତରାୟ ଓ ସମାଜସେବୀ ବାବାଜୀ ଚରଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ଆୟୋଜିତ ସାଂସଦ ଖେଳ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଭାରତର ଯୁବଶକ୍ତିକୁ କିପରି ସୁସ୍ଥ ଓ ଫିଟ୍ କରାଯାଇପାରିବ ସେ ସମ୍ପର୍କରେ ଅଭିମତ ରଖିଥିଲେ । ଏହି ଖେଳ ମହୋତ୍ସବରେ ୬ଟି ଗ୍ରାମପଞ୍ଚାୟତ ଅଧିନ ୧୮ଟି ବିଦ୍ୟାଳୟର ଏକହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଛନ୍ତି । ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡା ମହୋତ୍ସବରେ ଏକଶହ ମିଟର ରେସ, ୪ଶହ ମିଟର ରେସ, ଲଙ୍ଗ ଜମ୍ପ, ହାଇ ଜମ୍ପ, ରିଲେ ରେସ, ସଟ ପୁଟ୍, କବାଡି, ଭଲିବଲ ପ୍ରଭୃତି ଖେଳ ହେବାକୁ ଥିବାବେଳେ ପ୍ରଥମ ଦିବସରେ ଛାତ୍ରଛାତ୍ରୀମାନେ ସେମାନଙ୍କ କ୍ରୀଡା ନୈପୂଣ୍ୟତା ପ୍ରଦର୍ଶନ କରିଛନ୍ତି । ଏହି ମହୋତ୍ସବକୁ ଅଂଶଗ୍ରହଣକାରୀ ବିଦ୍ୟାଳୟ ଗୁଡିକର କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଜୋନ ସଂଯୋଜକ ରଶ୍ମୀରଞ୍ଜନ ରାଉତ, ଅନିଲ କୁମାର ସ୍ୱାଇଁ, ପଙ୍କଜ ଦାସ, ସ୍ୱାଧୀନ ମହାପାତ୍ର, କ୍ଷୀରୋଦ କୁମାର ଭୋଳ, ଶୁଭମ ବେହେରା, ମଦନମୋହନ ବେହେରା, ସୁମନ୍ତ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

## ବିଶ୍ୱକଲ୍ୟାଣ ପାଇଁ ଦେବୀପୀଠରେ ପୂଜା

**ରାଜନଗର,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଭିତରଗଡ ଗ୍ରାମ ମା ବୁଢ଼ୀ ଜାଗୁଳାଇ ପୀଠରେ ବିଶ୍ୱର କଲ୍ୟାଣ ନିମିତ୍ତ ଓ ବନ୍ୟା, ବାତ୍ୟା, ମହାମାରୀ ଦୂରୀକରଣ ପାଇଁ ପୂଜାପାଠ ଓ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ଏହି ପଞ୍ଚ ଦିବସୀୟ ଯଜ୍ଞାନୁଷ୍ଠାନ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଦାଶଙ୍କ ନେତୃତ୍ୱରେ ପଣ୍ଡିତ ଶୁଭେନ୍ଦୁ ନାରାୟଣ ଦାଶ ଓ ସୂର୍ଯ୍ୟ ନାରାୟଣ ଦାଶ ଗୁରୁପୂଜା, ସୂର୍ଯ୍ୟପୂଜା, ହରିବଂଶ ପାଠ, ନାମ ସଙ୍କୀର୍ତ୍ତନ, ହରିକଥାମୃତ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯଜ୍ଞ କମିଟିର କର୍ମକର୍ତ୍ତା ପ୍ରଶାନ୍ତ କୁମାର ଜେନା, ପ୍ରଭାତ ବାରିକ, ବାଦଲ ବାରିକ, ଫକିର ବାରିକ, ନାରାୟଣ ବାରିକ, ରଶ୍ମୀ ଲେଙ୍କା, ଅଭିନ୍ନ ରାଉତ, ତ୍ରିଲୋଚନ ସାମଲ, ମୃତ୍ୟୁଞ୍ଜୟ ନାୟକ, ବିଶ୍ୱଜିତ ଚଣ୍ଡ, କାହ୍ନୁ ରାଉଳ, ମଳୟ ନାୟକ, ହେମନ୍ତ ଜେନା, ଚିତ୍ତରଞ୍ଜନ ନାୟକ ଓ ମନୁ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## ଗାରେଡିପାଞ୍ଚଣ ସେବା ସମବାୟ ସମିତିକୁ ଶ୍ରେଷ୍ଠତା ପୁରସ୍କାର

**ବାଲିପାଟଣା,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜୟୀରାଜଗୁରୁ ଭବନରେ ସମବାୟ ସପ୍ତାହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସମବାୟ ସେବାରେ ସାମଗ୍ରିକ ବିକାଶ ପାଇଁ ବାଲିପାଟଣାସ୍ଥିତ ଗାରେଡିପାଞ୍ଚଣ ସେବା ସମବାୟ ସମିତିକୁ ଜିଲ୍ଲାରେ ଶ୍ରେଷ୍ଠ ସମବାୟ ସମିତି ସମ୍ମାନ ପ୍ରଦାନ କରାଯାଇଛି । ସମିତି ପକ୍ଷରୁ ସଭାପତି ଅଭିମନ୍ୟୁ ନାୟକ ଓ ସମ୍ପାଦକ ସୁଶୀଲ କୁମାର ପଣ୍ଡା ମାନ ପାତ୍ର ଓ ସିଲ ଗ୍ରହଣ କରିଥିଲେ । ଖୋର୍ଦ୍ଧା ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାରଥୀ ଶତପଥୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ଖୋର୍ଦ୍ଧା ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦାନ କରି ସମବାୟ ବ୍ୟବସ୍ଥାରେ ସୁଧାର ଆଣିବାକୁ ହେଲେ ପ୍ରଥମେ ମୂଳପିଣ୍ଡ ବିବେଚନା କରାଯାଉଥିବା ଚାଷୀଙ୍କୁ ସମ୍ମାନର ସହିତ ଗୁରୁତ୍ୱଦେଇ ସମବାୟ ମାଧ୍ୟମରେ ସମସ୍ତଙ୍କୁ ସଚେତନ କରି ସରକାରୀ ଯୋଜନାର ଉପଯୋଗ କରାଇଲେ ଚାଷୀଙ୍କର ସାମଗ୍ରୀକ ବିକାଶ ହେବ ବୋଲି କହିଥିଲେ । ଏହି ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଉପନିବନ୍ଧକ ଅଲକା ନନ୍ଦା ଜେନା, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ, ସହକାରୀ ସମବାୟ ନିରୀକ୍ଷକ ଭବାନୀ ଶଙ୍କର, ମୁଖ୍ୟଜିଲ୍ଲା କୃଷି ଅଧିକାରୀ ରବିନାରାୟଣ ସେନାପତି, ମୁଖ୍ୟ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନ ରଂଜନ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳ ପ୍ରଶାସନିକ ଅଧିକାରୀ ଦିବ୍ୟ ରଞ୍ଜନ ପ୍ରଧାନଙ୍କ ସମେତ ସମବାୟବିତ, ପ୍ୟାକ୍ସ ସଭାପତି ଓ ସଂପାଦକମାନେ ଉପସ୍ଥିତ ଥିଲେ ।

## ଦୈନିକ କାର୍ଯ୍ୟ ସମୟ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**କେନ୍ଦୁଝର,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**




ନିକଟରେ ଓଡିଶା ସରକାରଙ୍କ ଦ୍ୱାରା ଫ୍ୟାକ୍ଟ୍ରି ଆକ୍ଟ ଧାରା ୫୧ ଓ ୫୪କୁ ସଂଶୋଧନ କରି ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟ ଦିବସ ୮ ଘଣ୍ଟା ପରିବର୍ତ୍ତେ ୧୦ ଘଣ୍ଟାକୁ ବୃଦ୍ଧି କରିଛନ୍ତି । ଏହା ବ୍ୟତୀତ ମାସିକ ଓଭର୍ ଟାଇମ୍ କାର୍ଯ୍ୟ ମଧ୍ୟ ସର୍ବାଧିକ ୧୧୫ ଘଣ୍ଟାରୁ ୧୪୪ ଘଣ୍ଟାକୁ ବୃଦ୍ଧି କରିଛନ୍ତି । ମହିଳାମାନଙ୍କୁ ରାତ୍ରି ସିଫ୍ଟରେ କାମ କରିବାର ଅନୁମତି ଦେଇଛନ୍ତି । ରାଜ୍ୟ ସରକାରଙ୍କ ଏହି ଶ୍ରମିକ ବିରୋଧି ନିଷ୍ପତ୍ତି ରାଜ୍ୟର ସମସ୍ତ ଶ୍ରମିକ ସଙ୍ଗଠନ ଘୋର ବିରୋଦ୍ଧ କରିବା ସହ ଏହି ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ରାଜ୍ୟବ୍ୟାପୀ ଆନ୍ଦୋଳନର ଡାକରା ଦିଆଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଶହ ଶହ ବର୍ଷର ଦୁର୍ବାର ଶ୍ରମିକ ଆନ୍ଦୋଳନର ଫଳ ସ୍ୱରୂପ ଆଜି ସମଗ୍ର ଦେଶରେ ଶ୍ରମିକମାନେ ଦୈନିକ ୮ ଘଣ୍ଟା କାମ କରିବାର ଅଧିକାର ପାଇ ଆସିଛନ୍ତି । ଏ ପର୍ଯ୍ୟନ୍ତ ଗୋଟିଏ ବି ଗଣତାନ୍ତ୍ରିକ ରାଷ୍ଟ୍ର ଏହି ନିୟମକୁ ପରିବର୍ତ୍ତନ କରିବା ପାଇଁ ସାହସ କରୁ ନାହାନ୍ତି । ୧୯୧୯ ମସିହା ଆନ୍ତର୍ଜାତୀୟ ଶ୍ରମ ସଙ୍ଗଠନର ପ୍ରଥମ ନିଷ୍ପତ୍ତି ଅନୁସାରେ ଶ୍ରମିକମାନେ ଦୈନିକ ସର୍ବାଧିକ ୮ ଘଣ୍ଟା ଓ ସପ୍ତାହକୁ ୪୮ ଘଣ୍ଟା କାମ କରି ପାରିବେ । ସପ୍ତାହିକ ସମୟକୁ ୪୦ ଘଣ୍ଟାକୁ ହ୍ରାସ କରିବା ପାଇଁ ପରବର୍ତ୍ତୀ ଅନେକ ଆଇଏଲଓ ସମ୍ମିଳନୀରେ ଦାବି କରାଯାଇଛି । ଆମ ଦେଶ ଭାରତ ଆଇଏଲଓର ଏକ ସଭ୍ୟ ଦେଶ ଓ ଏହି ସଂସ୍ଥାରେ ପୃଥିବୀର ସବୁ ଦେଶ ସଦସ୍ୟ ରହିଥିବା ବେଳେ ସଂସ୍ଥାର ନିଷ୍ପତ୍ତି ନିଜ ନିଜ ଦେଶରେ ଲାଗୁ କରିଥାନ୍ତି । ଦଶନ୍ଧି ଧରି ସଂଗ୍ରାମର ଫଳ ସ୍ୱରୂପ ଓ ବହୁ ପରୀକ୍ଷା ନୀରୀକ୍ଷା ଓ ବୈଜ୍ଞାନିକ ତଥ୍ୟ ସମ୍ବଳିତ ମାନଦଣ୍ଡ ଅନୁସାରେ ଦୈନିକ ୮ ଘଣ୍ଟା କାର୍ଯ୍ୟ କରିବା, ୮ଘଣ୍ଟା ବିଶ୍ରାମ ନେବା ଓ ୮ ଘଣ୍ଟା ପରିବାର ଓ ନିଜ ପାଇଁ ସମୟ ସ୍ଥିର ହୋଇଛି । ଏହି ନିୟମ ପରିବର୍ତ୍ତନ ହେଲେ ସ୍ୱାସ୍ଥ୍ୟ ସମ୍ପର୍କିତ ଅନେକ ଗବେଷଣାରୁ ଜଣାଯାଇଛି ଯେ, ଦୈନିକ ୮ ଘଣ୍ଟାରୁ ଅଧିକ ସମୟ କାମ କଲେ ବୃତିଗତ ରୋଗ ଓ ମାନସିକ ଚାପ ସୃଷ୍ଟି କରିବ । ଏଥିସହ କମ୍ପାନୀମାନେ ଦୈନିକ ୩ ସିଫ୍ଟ ବଦଳରେ ମାତ୍ର ୨ ସିଫ୍ଟ କାମ କରାଇବେ ଓ ସମସ୍ତ କାରଖାନା ଓ ଶିଳ୍ପରେ ଗୋଟିଏ ସିଫ୍ଟର ଶ୍ରମିକ ଛଟେଇ ହେବେ ଏବଂ ଦେଶରେ ବେକାର ସଂଖ୍ୟା ବଢି ବଢି ଚାଲିବ । ସେହିଭଳି ସୁବିଧାରେ ବ୍ୟବସାୟ କରିବା ଉତ୍ପାଦନ ବୃଦ୍ଧି କରିବା ଆଦୌ ଗ୍ରହଣୀୟ ନୁହେଁ । ଉନ୍ନତ କାରୀଗରି କୌଶଳ, ଦକ୍ଷତା ବିକାଶ ଓ ଶ୍ରମିକମାନଙ୍କର ନିରାପତ୍ତା ନିୟମ ଅଧିକ କଡାକଡି ଲାଗୁ କରାଯିବା ଉଚିତ । କାର୍ଯ୍ୟ ସମୟ ବୃଦ୍ଧି ହେଲେ ଶ୍ରମିକମାନେ ନିଜ ପରିବାର, ପିଲାଙ୍କ ଶିକ୍ଷା ଓ ସାମାଜିକ କାର୍ଯ୍ୟ ଭାଗ ନେବାରୁ ବଞ୍ଚିତ ହେବେ । ମାନସିକ ଚାପରେ ସେମାନଙ୍କ ପରମାୟୁ ହ୍ରାସ ପାଇବ ।

## ବଙ୍ଗଳାଦେଶୀ ସନ୍ଦେହରେ ୧୫ ଅଟକ

**କଳିଙ୍ଗନଗର,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ପୁଲିସ ମୁଖ୍ୟାଳୟର ନିର୍ଦ୍ଦେଶ ଅନୁସାରେ କଳିଙ୍ଗନଗର ପୁଲିସ ପକ୍ଷରୁ ବୁଧବାର ବଙ୍ଗଳାଦେଶୀ ସନ୍ଦେହରେ ଡୁବୁରୀ, ବାରଗାଡ଼ିଆ, ନଢ଼ିଆଭଙ୍ଗା, ଗୋବରାଭାଟି ଅଞ୍ଚଳରୁ ୧୫ଜଣ ମୁସଲମାନ ବ୍ୟକ୍ତିଙ୍କୁ ଧରି ଭେରିଫିକେସନ ପାଇଁ ରଖିଛି । ପୁଲିସ ଦାବି କରିଛି ଯେ, ଏହି ଲୋକମାନଙ୍କ ବିରୋଧରେ ବଙ୍ଗଳାଦେଶୀ ହୋଇ ନକଲ ପରିଚୟପତ୍ର ତିଆରି କରି କଳିଙ୍ଗନଗର ଅଞ୍ଚଳରେ ରହୁଥିବା ସନ୍ଦେହ ଥିଲା । ଏସ୍‌ପିଙ୍କ ସ୍ପଷ୍ଟ ନିର୍ଦ୍ଦେଶ ପରେ ପୁଲିସ ଟିମ୍ ହଠାତ୍ ସ୍ପେସିଅଲ୍ ଡ୍ରାଇଭ୍ ଚଲାଇ ଭିନ୍ନ ସ୍ଥାନରୁ ସେମାନଙ୍କୁ ଧରି ଥାନାକୁ ଆଣି ଯାଞ୍ଚ କରିଛି । ଡକ୍ୟୁମେଣ୍ଟ, ପରିଚୟପତ୍ର, ରେଣ୍ଟ ହାଉସ୍ ଡିଟେଲ୍ ଏବଂ ନକଲ ମୋହର ଲାଗିଥିବା ସନ୍ଦେହ ଥିବା କାଗଜପତ୍ରଗୁଡ଼ିକ ଯାଞ୍ଚ କରାଯାଉଛି । ପୁଲିସ ପକ୍ଷରୁ କୁହାଯାଇଛି 'ଏହା କେବଳ ସାଧାରଣ ଭେରିଫିକେସନ ଡ୍ରାଇଭ୍ ନୁହେଁ; ଆଗାମୀ ଦିନରେ ଏହାକୁ ଆଉ ଅଧିକ କଠୋର ଭାବରେ ସ୍ପେସିଅଲ୍ ଡ୍ରାଇଭ୍ କରାଯିବ । ଯେଉଁମାନେ ବିଦେଶୀ ହୋଇ ନକଲି ଡକ୍ୟୁମେଣ୍ଟରେ ଏଅଞ୍ଚଳରେ ରହୁଛନ୍ତି, ସେମାନଙ୍କ ଉପରେ ଆଇନୀ ଅନୁଯାଇ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।। ଘଟଣା ପରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଲୋଚନା ଏବଂ ଚିନ୍ତା ବଢ଼ିଛି । ଯଦି ଯାଞ୍ଚ ସଠିକ୍ ହୁଏ, ତେବେ ଅଞ୍ଚଳ ସୁରକ୍ଷିତ ହୋଇବ, କିନ୍ତୁ ନିର୍ଦ୍ଦୋଷ ଲୋକ ହିଁ ବିନା କାରଣରେ ହଇରାଣ ହରକତ ଉଚିତ୍ ନୁହେଁ, ବୋଲି କିଛି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି । ଯାଜପୁର ଏବଂ କଳିଙ୍ଗନଗରରେ ପୂର୍ବ କିଛି ମାସ ଧରି ବଙ୍ଗଳାଦେଶୀ ଅବୈଧ ରହିବା ନେଇ ଆଲୋଚନା ଜୋହର ଧରୁଥିବା ସମୟରେ ଏହି ଡ୍ରାଇଭ୍‌ଟି ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି । ଯାଜପୁର ଜିଲ୍ଲା ଅନ୍ୟ ଥାନା ଅଞ୍ଚଳରେ ମଧ୍ୟ ଅଧିକ କଠୋର ଭାବରେ ସ୍ପେସିଅଲ୍ ଡ୍ରାଇଭ୍ କରାଗଲେ ବେଆଇନ ଭାବରେ ଅବୈଧଭାବରେ ରହୁଥିବା ବଙ୍ଗଳାଦେଶୀମାନଙ୍କୁ ଚିହ୍ନଟ ଓ ସଠିକ୍ ଯାଞ୍ଚ କରିବା ସହିତ ଆଇନୀ ଅନୁଯାଇ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ । ଆଗକୁ ଅଘଟଣକୁ ଏଡାଇ ଦିଆଯାଇ ପାରିବ । ପୋଲିସକୁ ଏଥିରେ ଅଞ୍ଚଳର ଯୁବକମାନେ ସହଯୋଗ କରୁଥିବା ଦେଖିବାକୁ ମିଳିଛି ।

## ଜାତୀୟ ଫାର୍ମାସୀ ସପ୍ତାହ ସଚେତନତା



**ଜଳେଶ୍ୱର,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ନଗରସ୍ଥିତ ଇନଷ୍ଟିଚ୍ୟୁଟ ଓଫ ଫର୍ମାସ୍ୟୁଟିକାଲ ସାଇନସ୍ କଲେଜ ପକ୍ଷରୁ ଜାତୀୟ ଫାର୍ମସୀ ସପ୍ତାହ ପାଳନ ଅବସରରେ ବିଶାଳ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ବୁଧବାର ପୂର୍ବାହ୍ନରେ କଲେଜର ନିର୍ଦ୍ଦେଶକ ଡଃ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ, ଶହଶହ ଫାର୍ମାସୀ ଶିକ୍ଷାର୍ଥୀ ଏବଂ ଅଧ୍ୟାପକ ଓ କର୍ମଚାରୀ ସଚେତନତା ରାଲିରେ ଯୋଗ ଦେଇଥିଲେ । ଷ୍ଟେସନ ବଜାର ବସ୍ ଷ୍ଟାଣ୍ଡ ପାଖରୁ ଏକ ବିଶାଳ ଶୋଭାଯାତ୍ରାରେ ପ୍ଲା କାର୍ଡ ଧରି ସହର ପରିକ୍ରମା କରିବା ସହିତ ରାଷ୍ଟ୍ରୀୟ ଆରୋଗ୍ୟ ଓ ଜନ ଔଷଧର ସଠିକ ବ୍ୟବହାର, ବିଭିନ୍ନ ରୋଗର ନିରାକାରଣ, ଡାକ୍ତରଙ୍କ ପରାମର୍ଶରେ ଔଷଧ ନିରୁପଣ ଓ ସେବନ କରିବା ପାଇଁ ସଚେତନତା ସ୍ଲୋଗାନ ଦେଇଥିଲେ । ଜିକେ ଭଟର ହସ୍ପିଟାଲ ନିକଟରେ ଶୋଭାଯାତ୍ରା ସମାପ୍ତି ହୋଇଥିବା ବେଳେ ରୋଗୀମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ଫାର୍ମାସିଷ୍ଟ ସପ୍ତାହ ପାଳନ ଅବସରରେ ଅନୁଷ୍ଠାନ ପରିସରରେ ବିଭିନ୍ନ ସାଂସ୍କୃତିକ, ବୌଦ୍ଧିକ, କ୍ରିଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଅଛି । କାର୍ଯ୍ୟକ୍ରମରେ ପ୍ରିନ୍ସପାଲ ଡଃ ବିକାଶ କୁମାର ନନ୍ଦ, ଭାଇସ ପ୍ରିନ୍ସପାଲ ଅଶୋକ କୁମାର ମହାନ୍ତି, ଅଧ୍ୟାପକ ହେମନ୍ତ ଖଟୁଆ, ସରୋଜ ସେଠୀ, ରଞ୍ଜନ କୃଷ୍ଣ ପାତ୍ର, ସ୍ୱରୂପ ପରିଡ଼ା, ପବିତ୍ର ଗିରି, ସୁବାଷ ଚନ୍ଦ୍ର ବେହେରା, ପ୍ରିତୀ ଦ୍ୱିବେଦୀ, ଶ୍ରୀମତୀ ହିତାକାଙ୍ଗୀ ପଣ୍ଡା, ଗୌତମ ଜାନା, ସୁଭାଶିଷ ମକର, ସୁମନା ଘରା, ସଞ୍ଜିବ ମାନା, ଶାନ୍ତନୁ ସାମନ୍ତ, ଶୁଭାଶିଷ ସାହୁ, ବିଶ୍ୱ ରଞ୍ଜନ ଦାସ, ଦେବେନ୍ଦ୍ର ମାହାନା, କାହ୍ନୁଚରଣ ହାଁସଦା, ପରେଶ୍ ରାଉଳ, ପ୍ରମୁଖ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ।

## ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ଶେରଗଡ,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଶେରଗଡରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଓ ଭିନ୍ନକ୍ଷମମାନଙ୍କ ମଧ୍ୟରେ କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶେରଗଡ ମହାତ୍ମାଗାନ୍ଧୀ ଉଚ୍ଚବିଦ୍ୟାଳୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚିନୁ କୁମାର ସଂଯୋଜନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଓ ବିଡିଓ ମିସ ତୃପ୍ତିମୟୀ ଜେନା ଯୋଗଦେଇ ଶୁଭ ଉଦଘାଟନ କରି, ଆଜିର ସମାଜରେ ଦିବ୍ୟାଙ୍ଗମାନେ ଅକ୍ଷମ ନୁହନ୍ତି, ସବୁ କ୍ଷେତ୍ରରେ ସକ୍ଷମ, ତେଣୁ ସମସ୍ତଙ୍କୁ ସମାନ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ମୋଟ ୧୬୫ଜଣ ଦିବ୍ୟାଙ୍ଗ ଓ ଭିନ୍ନକ୍ଷମ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ଲାଗି ଟ୍ରାଇ ସାଇକେଲ, ବିଭିନ୍ନ ପ୍ରକାରର ଦୌଡ, ମ୍ୟୁଜିକ ଚେୟାର, ସଫ୍ଟବଲ, ଲଙ୍ଗ ଜମ୍ପ, ସଟପୁଟ ଭଳି କ୍ରୀଡା ସହିତ ରଙ୍ଗୋଲି, ଏକକ ଅଭିନୟ, ଗୀତ, ଫ୍ୟାନ୍ସି ଡ୍ରେସ, ଚିତ୍ରାଙ୍କନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରିଶେଷରେ ସମସ୍ତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୭ ଶହ, ୫ ଶହ ଏବଂ ୩ ଶହ ଟଙ୍କା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ପ୍ରତିଯୋଗିତା ସମୟରେ ବ୍ଲକର ସହକାରୀ ଯନ୍ତ୍ରୀ ରଶ୍ମିତା ଶବର, ପାନୀୟ ଜଳ ଏବଂ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ, ବ୍ଲକର ସମସ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ

**ଭବାନୀପାଟଣା,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଲୌହ ମାନବ ସର୍ଦ୍ଦାର ବଲ୍ଲଭାଇ ପଟେଲଙ୍କର ୧୫୦ତମ ଜୟନ୍ତି ସାରା ଦେଶରେ ମହାସମାରୋହରେ ପାଳନ କରାଯାଉଅଛି । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଆସନ୍ତା ୨୪ ଓ ୨୫ ତାରିଖରେ ୩ଟି ସ୍ଥାନରେ ପାଳନ କରାଯିବ ଯଥା ଜିଲ୍ଲା ସଦରମହକୁମା ଭବାନିପାଟଣା, ନର୍ଲା ଓ ଧର୍ମଗଡ୍ ଠାରେ ଭାରତ ସରକାରଙ୍କ ମେରା ଯୁବ ଭାରତ, ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲାକ୍ରୀଡା ବିଭାଗ ତରଫରୁ ମିଳିତ ଆନୁକୁଲ୍ୟରେ ଭବାନୀପାଟଣା ଠାରେ ଚଳିତ ମାସ ୨୪ ତାରିଖ ସକାଳ ୭ଟାରେ ଓ ଧର୍ମଗଡରେ ଅପରାହ୍ନ ୨ଟା ସମୟରେ ଆରମ୍ଭ ହେବ ଓ ୨୫ ତାରିଖ ଦିନ ସକାଳ ୭ଟାରେ ନର୍ଲା ଠାରେ ଆରମ୍ଭ ହେବ । ଏଥିରେ ପଦଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଲୋକସଭା ସଦସ୍ୟ କଳାହାଣ୍ଡି ମାଳବିକା ଦେବୀଙ୍କ ଅଧକ୍ଷତାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର ୱାନ, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡାଙ୍କ ଉପସ୍ଥିତିରେ ଏକ ଖବର ଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ମାନନୀୟ ସାଂସଦ ମାଳବିକା ଦେବୀ ସମ୍ବୋଧନ କରି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ରୂପ ରେଖ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାର ସମସ୍ତ ବର୍ଗର ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସାମିଲ ହୋଇ ଏକତା ଦିବସରେ ଅଂଶଗ୍ରହଣ କରି ଜାତୀୟ ଏକତାକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ପ୍ରକାଶ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ସଫଳ ରୂପାୟନରେ ପ୍ରସାର ପ୍ରଚାର ଦିଗରେ ଗଣମାଧ୍ୟମର ସହଯୋଗ କାମନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, ମେରାଯୁବଭାରତ ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଶିଶୁ ସୁରକ୍ଷା ୟୁନିଟ୍‌ର ଅଂଶୁମାନ ବାବୁଙ୍କ ସମେତ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ ।

## ମହିଳା ବିଶ୍ୱବିଦ୍ୟାଳୟର ଖେଳକୁଦ ପ୍ରତିଯୋଗିତା



**ମାହାଙ୍ଗା,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ପଲ୍ଲିସାହି ପଞ୍ଚାୟତ ମାହାଙ୍ଗା ମହିଳା କଲେଜ ପରିସରରେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଜାତୀୟ ଖେଳକୁଦ ପ୍ରତିଯୋଗିତା ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଜଣେ ଉତ୍ତମ କ୍ରୀଡାବିତ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବା ଦ୍ୱାରା ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିପାରିବେ । ତେଣୁ ପ୍ରତ୍ୟେକ ଛାତ୍ରୀ ଖେଳରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ରମା ଦେବୀ ବିଶ୍ୱବିଦ୍ୟାଳୟର କୁଳପତି ଚଣ୍ଡୀଚରଣ ରଥ ଯୋଗଦେଇ କ୍ରୀଡାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ କ୍ରୀଡ଼ାବିତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅଧାପିକା ପୁଷ୍ପାଞ୍ଜଳି ଶତପଥି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପିକା ପ୍ରମିଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାବିଦ୍ୟାଳୟରେ ୱାନ୍ ହେଲଥ୍ କୁଇଜ



**କେନ୍ଦୁଝର,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଧରଣୀଧର ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲର କମ୍ୟୁନିଟି ମେଡିସିନ୍ ବିଭାଗ ଓ ଇଣ୍ଡିଆନ୍ ଆକାଡେମି ଅଫ୍ ପ୍ରିଭେନ୍ଟିଭ୍ ମେଡିସିନ୍ ଆଣ୍ଡ ସୋସିଆଲ୍ ସାଇଏନ୍ସଙ୍କ ସଂଯୁକ୍ତ ପ୍ରୟାସରେ 'ୱାନ୍ ହେଲଥ କୁଇଜ୍' ପ୍ରାରମ୍ଭିକ ପର୍ଯ୍ୟାୟ ସଫଳତାର ସହ ଆୟୋଜିତ ହୋଇଲା । କଲେଜର ସମସ୍ତ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମଟି ଡ଼ା.ମୋହୁଆ ବିଶ୍ୱାସ, ଡ଼ା.ଦିପନ୍ୱୀତା, ଡ଼ା. ପ୍ରଜ୍ଞା, ଡ଼ା. ସ୍ରାବଣୀ ଓ ଅନ୍ୟାନ୍ୟ ଶିକ୍ଷକମଣ୍ଡଳୀଙ୍କ ନେତୃତ୍ୱରେ ସଫଳତାପୂର୍ବକ ସମ୍ପନ୍ନ ହୋଇଥିଲା । ଏହି ପର୍ଯ୍ୟାୟରୁ ବାଛା ହୋଇଥିବା ଛାତ୍ରଛାତ୍ରୀମାନେ ଆଗାମୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ ।

## ଅଙ୍ଗନୱାଡି ଆସୋସିଏସନ୍ ପକ୍ଷରୁ ଦାବିପତ୍ର

**ରାଜନଗର,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଅଲ୍‌ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କରସ୍ ଆସୋସିଏସନ୍ ପକ୍ଷରୁ ସରକାରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଆଶୋସିଏସନର ଜିଲ୍ଲା ସମ୍ପାଦୀକା ପୁଷ୍ପଲତା ରଥଙ୍କ ନେତୃତ୍ୱରେ ଏହି ଦାବିପତ୍ର ସିଡ଼ିପିଓଙ୍କୁ ପ୍ରଦାନ କରାଯାଇଥିଲା । ପ୍ରତି ଶନିବାର କିଶୋରୀ ବାଳିକାମାନଙ୍କ ନିମନ୍ତେ ଏମଏସ ପି ୱାଇ ଯୋଜନାରେ ଦୁଇଟି ସିଝା ଅଣ୍ଡା ଓ ଦୁଇଟି କଞ୍ଚା ଅଣ୍ଡା ବଣ୍ଟନକୁ ସ୍ୱାଗତ କରାଯାଇଛି । କିନ୍ତୁ ଏହି ଯୋଜନାରେ ଆସୁଥିବା ଅର୍ଥରାଶି ଯୁଗ୍ମ ଜମା ଖାତାରେ ପୂର୍ବରୁ ଜମା କରାଯାଉ । ପ୍ରତି ବ୍ଲକ୍ ଓ ଜିଲ୍ଲାରେ ଅଭିଯୋଗ ନିବାରଣ କମିଟି ଗଠନ କରାଯାଉ, ଯାହା ଫଳରେ ସ୍ଥାନୀୟ ସମସ୍ୟାର ସମାଧାନ ସହଜ ଓ ପାରଦର୍ଶୀ ହେବ । ଉନ୍ନତମାନର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସହିତ ବିଦ୍ୟୁତ ଓ ଜଳ ଯୋଗାଣ ନିମନ୍ତେ ପଦକ୍ଷେପ ନିଆଯାଉ । କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରୁଥିବା ଅଙ୍ଗନୱାଡି କର୍ମୀ ଓ ସହାୟୀକାଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ ସହିତ ପରିବାରରୁ ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ସେହି ସ୍ଥାନରେ ନିଯୁକ୍ତି ଦିଆଯାଉ । ଗତ ବିଧାନସଭା ନିର୍ବାଚନ ସମୟରେ ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା କର୍ମୀ ଓ ସହାୟୀକାଙ୍କ ବେତନ ବୃଦ୍ଧି ପ୍ରତିଶ୍ରୁତିକୁ ତୁରନ୍ତ ଲାଗୁ କରି କର୍ମୀ ଓ ସହାୟିକାଙ୍କ ମନୋବଳ ବଢ଼ାଇବା ସହିତ ଜାତୀୟ ଶିକ୍ଷାନିତୀ ଅନୁଯାୟୀ ଯୋଗ୍ୟତା ଭିତ୍ତିରେ ଅଙ୍ଗନୱାଡି କର୍ମୀଙ୍କୁ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯିବାକୁ ଦାବି କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ମଞ୍ଜୁବାଳା ମଲ୍ଲିକ, ଅବିଚ୍ଛରି ବାରିକ, ମିନତି ଭୂୟାଁ, ରମାବାଳା ସ୍ୱାଇଁ, ମିନତୀ ନାୟକ ପ୍ରମୁଖଙ୍କ ସହ ଆସୋସିଏସନର ସଦସ୍ୟାମାନେ ସାମିଲ ହୋଇଥିଲେ ।

## 'ବିଜ୍ଞାନ ସମାଜ ବିକାଶରେ ବରଦାନ ହୋଇଛି'

**କୁଚିଣ୍ଡା,୧୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ବାଉରୀଗୋଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ମେଳା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠି ଶିକ୍ଷା ଅଧିକାରୀ ସୁଶ୍ରୀ ଗୀତା ପଧାନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ କୁଚିଣ୍ଡା ଜିଲ୍ଲା ପରିଷଦ ଜୋନ-୧ ସଭ୍ୟ ଅଜିତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏଥିରେ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସୁଶ୍ରୀ ପଧାନଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନୀ ଉତ୍ସବରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବେଶ୍ୱର କିଷାନ ମୁଖ୍ୟଅତିଥି, କୁଚିଣ୍ଡା ଜିଲ୍ଲା ପରିଷଦ ଜୋନ-୨ ସଭ୍ୟ ଦିବ୍ୟରାଜ କିଷାନ, ସରପଞ୍ଚ ଗୋବର୍ଦ୍ଧନ ବାଘ, ସମିତିସଭ୍ୟ ପରେଶ ପଟେଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବୀନ ରୋହିଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତାରାକାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ବିଜ୍ଞାନର ଅଗ୍ରଗତି ଯୋଗୁଁ ସମାଜରେ ଉନ୍ନତି ହୋଇଥିବା କହିଥିଲେ । ଏହାଛଡ଼ା ବିଜ୍ଞାନ ସମାଜ ବିକାଶରେ ବରଦାନ ସଦୃଶ କାମକରୁଛି, ତେଣୁ ଏହି କୁନି ବୈଜ୍ଞାନିକଙ୍କ ହାତରେ ସମାଜର ଭବିଷ୍ୟତ ନିର୍ଭର କରୁଥିବାରୁ ଭଲ ପାଠ ପଢି ଦେଶ ବିକାଶରେ ଭାଗିଦାରୀ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କୁଚିଣ୍ଡା ଗୋଷ୍ଠି ଶିକ୍ଷା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରଦର୍ଶନୀ ଓ ମେଳା ଏବଂ ଇକୋ କ୍ଲବ, ବିଜ୍ଞାନ ସେମିନାର ପ୍ରତିଯୋଗିତା ହୋଇଥିଲା । ଏହି ମେଳାରେ କନିଷ୍ଠ ବର୍ଗରେ ୭୪ଟି, ବରିଷ୍ଠ ବର୍ଗରେ ୩୬ଟି, ଇକୋ କ୍ଲବ କନିଷ୍ଠ ବର୍ଗରେ ୨୬ଟି, ବରିଷ୍ଠ ବର୍ଗରେ ୮ଟି ଓ ବିଜ୍ଞାନ ସେମିନାରରେ ୩ଟି ଏଭଳି ମୋଟ ୧୪୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅତିଥିମାନେ ପ୍ରତ୍ୟେକ ବର୍ଗର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ସୁଶିଳ ମହକୁଳ ଓ ଶରତ ପଶାୟତ ସଭା ପରିଚାଳନା କରିଥିଲେ । ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରମୋଦ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

**AFFIDAVIT**

By virtue of affidavit sworn before Executive Magistrate, Bhubaneswar, vide no.2, dt.15-11-2025, I Lijarani Das, D/O- Trilochan Das, Vill.- Baghataila, P.O- Mahulia, P.S-Rajnagar, Dist- Kendrapara, State - Odisha, PIN-754225, declare that, I have changed my name from Lizarani Das to Lijarani Das. Henceforth I shall be known as Lijarani Das for all purposes.

S/d-
Lijarani Das.

**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.5913, date-18-11-2025. I Minakshi Behera,W/O- Pradeep Behera, Vill- Kanakpur, Post- Gopalpur, P. S.- Rajnagar, Dist- Kendrapara, State- Odisha, PIN-754225, declare that, I have changed my minor daughter's name from Pragnya Parimita Behera to Prangya Paramita Behera.Henceforth, she shall be known as Prangya Paramita Behera for all purposes.


S/d-
Minakshi Behera.

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 20th November, 2025 Thursday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ହେଲ୍‌ଥ ଟନିକ୍



### ସ୍ୱାମୀଙ୍କ କବିତା ଆବୃତ୍ତି

ବିଉଟି ପାର୍ଲରରୁ ଫେରିଲା ପରେ କବିତା ଲେଖାଲେଖି କରୁଥିବା ପତିଙ୍କୁ ପତ୍ନୀଦେବୀ ପଚାରିଲେ- ମୁଁ କେମିତି ଦିଶୁଛି ?

ପତିଦେବ କହିଲେ- ଭାଆରି ସୁନ୍ଦର.....

ପତିଦେବଙ୍କ ଏହି ଉତ୍ତରରେ ଉତ୍ସାହିତ ହୋଇ ପତ୍ନୀଦେବୀ କହିଲେ- ମୋ ଉପରେ ଗୋଟିଏ କବିତା ଲେଖୁନ ?

ପତିଦେବ ତତ୍‌କ୍ଷଣାତ କବିତା ଆବୃତ୍ତି କଲେ-
ତୁମେ ଆଜି ଦିଶୁଛ ପରିଠୁ ବି ସୁନ୍ଦର
ଯେଉଁଥିପାଇଁ ସରିଯାଏ ଦରମା ଟଙ୍କା ମୋର

# ହସ୍ତତନ୍ତ ବସ୍ତ୍ର ପ୍ରତି ସେତେଟା ଆଗ୍ରହ ନାହିଁ

**ଭୁବନେଶ୍ୱର,୧୯।୧୧**


**ତଥ୍ୟ**

ହସ୍ତତନ୍ତ ବସ୍ତ୍ରକୁ ପ୍ରୋତ୍ସାହନ ଦେବାପାଇଁ ବିଭାଗୀୟ କର୍ମଚାରୀମାନେ ହସ୍ତତନ୍ତ ବସ୍ତ୍ର ପରିଧାନ ପାଇଁ ଦୀର୍ଘ ୧୩ବର୍ଷ ହେଲା ନିୟମିତ ଭାବେ ନିର୍ଦ୍ଦେଶନାମା ଜାରି କରୁଛନ୍ତି। ନିର୍ଦ୍ଦେଶନାମା ପ୍ରକାଶ ପାଇବାପରେ କିଛିଦିନ ପାଇଁ ଏଥିପ୍ରତି ଆଗ୍ରହ ପ୍ରକାଶ ପାଉଥିବାବେଳେ ପରବର୍ତ୍ତୀ ସମୟରେ ଆଉ ତାହା ଦେଖିବାକୁ ମିଳୁନାହିଁ।

୨୦୧୨ ମସିହା ସେପ୍ଟେମ୍ବର ମାସରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ପତ୍ର ଜାରି କରାଯାଇଥିଲା । ଏଥିରେ କୁହାଯାଇଥିଲା ଯେ ଐତିହ୍ୟସମ୍ପନ୍ନ ହସ୍ତତନ୍ତର ପ୍ରୋତ୍ସାହନ ତଥା ବୁଣାକାରମାନଙ୍କ ଅର୍ଥନୈତିକ ଅବସ୍ଥା ବୃଦ୍ଧି ତଥା ସେମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ବିଭାଗର ସମସ୍ତ କର୍ମଚାରୀ ଓ ଅଧିକାରୀ ପ୍ରତ୍ୟେକ ଶୁକ୍ରବାର ଦିନ ହସ୍ତତନ୍ତ ବସ୍ତ୍ର ପରିଧାନ କରିବେ ।

ସେତେବେଳେ ସରକାରଙ୍କର ଏଭଳି ନିଷ୍ପତ୍ତି ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ସାଧାରଣରେ ସାଧୁବାଦ ଦିଆଯାଇଥିଲା। କର୍ମଚାରୀମାନେ ମଧ୍ୟ ଶୁକ୍ରବାର ଦିନ ହସ୍ତତନ୍ତ ବସ୍ତ୍ର ପରିଧାନ କରିଥିଲେ। ଏହାର ପ୍ରାୟ ୧୦ବର୍ଷ ପରେ ଅର୍ଥାତ୍ ୨୦୨୨ ସେପ୍ଟେମ୍ବର ମାସରେ ବିଭାଗର ପକ୍ଷରୁ ଆଉଗୋଟିଏ ପତ୍ର ଲେଖାଯାଇ ସପ୍ତାହକୁ ଦୁଇଦିନ ଅର୍ଥାତ୍ ସୋମବାର ଓ ଶୁକ୍ରବାର କର୍ମଚାରୀମାନଙ୍କୁ ହସ୍ତତନ୍ତ ବସ୍ତ୍ର ପରିଧାନ ପାଇଁ କୁହାଯାଇଥିଲା।

ଚଳିତବର୍ଷ ଏପ୍ରିଲରେ ସରକାର ଆଉ ଗୋଟିଏ ଚିଠି ଲେଖି ଓଡିଆ ପକ୍ଷ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବୁଣାକାରଙ୍କୁ ପ୍ରୋତ୍ସାହନ ଦେବାପାଇଁ ଓଡିଶାର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ସବୁଦିନ ହସ୍ତତନ୍ତ ବସ୍ତ୍ର ପରିଧାନ ପାଇଁ ଅନୁରୋଧ କରାଯାଇଥିଲା। ଚଳିତବର୍ଷ ଅଗଷ୍ଟରେ ମଧ୍ୟ ଅନୁରୂପ ପତ୍ର ଲେଖାଯାଇ ସମସ୍ତ ନାଗରିକମାନଙ୍କୁ ସପ୍ତାହରେ ଗୋଟିଏ ଦିନ ହସ୍ତତନ୍ତ ଓ ଖଦି ବସ୍ତ୍ର ପରିଧାନ ପାଇଁ ଅନୁରୋଧ କରାଯାଇଥିଲା। ଏହା ପୂର୍ବରୁ ୨୦୨୩ ମସିହାରେ ମାର୍ଚ୍ଚ ମାସରେ ଜିଲ୍ଲାପାଳମାନଙ୍କୁ ମଧ୍ୟ ଏଭଳି ପୋଷାକ ପରିଧାନକୁ ପ୍ରୋତ୍ସାହନ ପାଇଁ ପତ୍ର ମାଧ୍ୟମରେ କୁହାଯାଇଥିଲା।



ରାଜ୍ୟ ସରକାର ବାରମ୍ବାର ପତ୍ର ଲେଖିବା ସତ୍ତ୍ୱେ ଲୋକଙ୍କ ମଧ୍ୟରେ ହସ୍ତତନ୍ତ ଓ ଖଦିବସ୍ତ୍ର ପିନ୍ଧିବାର ଆଗ୍ରହ ସେଭଳି ପରିଲକ୍ଷିତ ହେଉନାହିଁ। ଏହାର କାରଣ ହେଉଛି ଗୋଟିଏ ପଟେ ହସ୍ତତନ୍ତ ବସ୍ତ୍ରର ଦର ଅନ୍ୟ ବସ୍ତ୍ର ତୁଳନାରେ ଅଧିକ ରହୁଥିବାବେଳେ ଖଦି ବସ୍ତ୍ରର ଉପଲବ୍ଧତା ସେଭଳି ନାହିଁ। ଲୋକଙ୍କ ଚାହିଦା ଅନୁଯାୟୀ ଓଡିଶାରେ ଖଦି ବସ୍ତ୍ର ଉତ୍ପାଦନ ହେଉନଥିବାବେଳେ ପ୍ରାୟତଃ ସମସ୍ତ ଖଦି କପଡା ରାଜ୍ୟ ବାହାରୁ ଆମଦାନୀ କରିବାକୁ ପଡୁଛି। ଏହାର ଦର ଉଚ୍ଚା ରହୁଛି। ଫଳରେ ଲୋକେ ଅସଲି ଖଦି ପୋଷାକ ପିନ୍ଧିବାକୁ ଚାହୁଁଥିଲେ ମଧ୍ୟ ପିନ୍ଧିପାରୁ ନାହାନ୍ତି।

କେବଳ ବୁଣାକାରମାନଙ୍କ ଆୟ ବୃଦ୍ଧି ଓ ସମ୍ମାନ ପାଇଁ ନିର୍ଦ୍ଦିଷ୍ଟ ଦିନରେ ହସ୍ତତନ୍ତ ପିନ୍ଧିବାପାଇଁ କର୍ମଚାରୀମାନଙ୍କୁ ଅନୁରୋଧ କରାଯାଇନଥିଲା ଶାରୀରିକ ଫିଟ୍ ରହିବାପାଇଁ ସପ୍ତାହର ଗୋଟିଏ ଦିନ ସାଇକେଲରେ ଅଫିସ ଆସିବାପାଇଁ ବିଏମସି କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାକୁ ପ୍ରୋତ୍ସାହିତ ପାଇଁ ତତ୍କାଳୀନ ବିଏମସି କମିଶନର ମଧ୍ୟ ସାଇକେଲରେ ଦପ୍ତରକୁ ଆସିଥିଲା। ତାଙ୍କ ଦେଖାଦେଖି ଆଉ କିଛି କର୍ମଚାରୀ ବି ସାଇକେଲ ଚଢି ଆସିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହାକୁ ମଧ୍ୟ ସମସ୍ତେ ଭୁଲି ଯାଇଥିଲେ।

## ଚଳିତ ରଣଜୀରେ ଓଡ଼ିଶାର ପ୍ରଥମ ବିଜୟ

# ନାଗାଲାଣ୍ଡକୁ ୨୯୯ ରନରେ ହରାଇଲା



**ଭୁବନେଶ୍ୱର,୧୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ନୈରାଶ୍ୟଜନକ ପ୍ରଦର୍ଶନ ପରେ ଶେଷରେ ଚଳିତ ରଣଜୀ ସିଜିନରେ ପ୍ରଥମ ବିଜୟ ହାସଲ କରିଛି ଓଡିଶା। ଘରୋଇ ମଇଦାନରେ ଓଡିଶା ଭ୍ରମଣକାରୀ ନାଗାଲାଣ୍ଡକୁ ୨୯୯ ରନରେ ହରାଇଛି। ବିଜୟ ସହ ଏଲିଟ୍ ଗ୍ରୁପ ଏରେ ଅଷ୍ଟମ ସ୍ଥାନକୁ ଉଠିଛି ଓଡିଶା। ଚଳିତ ସିଜିନରେ ପଞ୍ଚମ ମ୍ୟାଚରୁ ଓଡିଶାର ଏହା ପ୍ରଥମ ବିଜୟ। ସ୍ୱସ୍ତିକ ସାମଲଙ୍କ ୧୬୯ ରନ ଓ ଅଧିନାୟକ ସୁଭ୍ରାଂଶୁ ସେନାପତିଙ୍କ ୧୩୭ ରନର ଶତକୀୟ ଇନିଂସ ପରେ ଗୋବିନ୍ଦ ପୋଦ୍ଦାରଙ୍କ ୫ ୱିକେଟ୍ ବଳରେ ଓଡିଶା ନାଗାଲାଣ୍ଡକୁ ହରାଇ ପାରିଛି। ଓଡିଶା ୫ଟି ମ୍ୟାଚ୍ ଖେଳି ୩ ପରାଜୟ, ଗୋଟିଏ ଡ୍ର ଓ ଗୋଟିଏ ବିଜୟ ସହ ୭ ପଏଣ୍ଟ ପାଇଛି।

ଭୁବନେଶ୍ୱର ସ୍ଥିତ କିଟ୍ ଷ୍ଟାଡିୟମରେ ଖେଳା ଯାଇଥିବା ରଣଜୀ ମୁକାବିଲାରେ ଓଡିଶା ପ୍ରଥମେ ବ୍ୟାଟିଂ କରିଥିଲା। ଅନିଲ ପରିଡାଙ୍କ ଅପରାଜିତ ୧୧୮ ରନ ଓ ବିପ୍ଳବ ସାମନ୍ତରାୟଙ୍କ ୯୨ ରନ ବଳରେ ୨୭୫ ରନ କରିଥିଲା ଓଡିଶା। ଜବାବରେ ନାଗାଲାଣ୍ଡ ୧୬୧ ରନରେ ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଦେଗା ନିସ୍ଚଲ ୭୨ ରନ କରିଥିଲେ। ଓଡିଶା ପକ୍ଷରୁ ରାଜେଶ ମହାନ୍ତି, ସମ୍ବିତ ଏସ ବରାଲ ଓ ଗୋବିନ୍ଦ ପୋଦ୍ଦାର ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ।

୧୧୪ ରନର ଅଗ୍ରଣୀ ହାସଲ କରିଥିବା ଓଡିଶା ଦ୍ୱିତୀୟ ଇନିଂସରେ ଦମଦାର ବ୍ୟାଟିଂ କରିଥିଲା। ସ୍ୱସ୍ତିକ ୧୬୯ ରନର ଦମଦାର ଇନିଂସ ଖେଳିଥିଲେ। ଏଥିରେ ୧୧ ଚୌକା ଓ ୬ ଛକା ସାମିଲ୍। ଏହା ସହ ଅଧିନାୟକ ସୁଭ୍ରାଂଶୁ ସେନାପତି ମଧ୍ୟ ୧୩୭ ରନର ଶତକୀୟ ଇନିଂସ ଖେଳି ଓଡିଶାର ସ୍ଥିତି ମଜବୁତ କରିଥିଲେ। ଦ୍ୱିତୀୟ ଇନିଂସରେ ସ୍ୱସ୍ତିକ ଓ ସେନାପତିଙ୍କ ମଧ୍ୟରେ ୩ୟ ୱିକେଟରେ ୨୬୧ ରନର ଭାଗିଦାରୀ ହୋଇଥିଲା। ଓଡିଶା ୫ ୱିକେଟ୍ ହରାଇ ୩୫୦ ରନ ସ୍କୋରରେ ପାଳି ସମାପ୍ତି ଘୋଷଣା କରିଥିଲା।

ଆଉ ନାଗାଲାଣ୍ଡ ସମ୍ମୁଖରେ ଥିଲା ୪୬୪ ରନର ବିଶାଳ ବିଜୟ ଲକ୍ଷ୍ୟ। ଜବାବରେ ଭ୍ରମଣକାରୀ ଦଳ ଓଡିଶା ବୋଲରଙ୍କ ଶାଣିତ ବୋଲିଂର ମୁକାବିଲା କରି ପାରିନଥିଲା। ବିଶେଷ କରି ଗୋବିନ୍ଦ ପୋଦ୍ଦାର ଘାତକ ବୋଲିଂ କରି ନାଗାଲାଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ନାଗାଲାଣ୍ଡ ପକ୍ଷରୁ ଡେଗା ନିସ୍ଚଲ ସର୍ବାଧିକ ୫୨ ରନ କରିଥିଲେ। ଦଳ ୧୬୫ ରନରେ ଅଲଆଉଟ୍ ହୋଇଥିଲା। ଆଉ ଓଡିଶା ମ୍ୟାଚକୁ ୨୯୯ ରନରେ ଜିତି ନେଇଛି। ଗୋବିନ୍ଦ ପୋଦ୍ଦାର ୬୯ ରନ ଦେଇ ୫ ୱିକେଟ୍ ଓ ବାଦଲ ବିଶ୍ୱାଳ ୩୮ ରନ ଦେଇ ୩ଟି ୱିକେଟ୍ ନେଇଥିଲେ।

# ଶୀତ ଆରମ୍ଭରୁ ନୟାନ୍ତ କଲାଣି ମଶା

## ବୁସ କଟିଂ ନାହିଁ: କାଟୁ କରୁନି ତେଲ



**କଟକ,୧୯।୧୧**

**ଏକ୍ସପ୍ରେସ୍ ନ୍ୟୁଜ୍**

ସଂପ୍ରତି ସହରରେ ମଶାଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି । ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଶୀତ ଆରମ୍ଭରୁ ମଶା ସହରରେ ଲୋକଙ୍କୁ ନୟାନ୍ତ କଲାଣି । ସନ୍ଧ୍ୟା ନହେଉଣୁ ଘରେ ହେଉ କି ବାହାରେ ମଶା ଲୋକଙ୍କୁ ବସିବାକୁ ଦେଉନାହାନ୍ତି । ଏହାଛଡ଼ା ପିଲାମାନଙ୍କ ପାଠ ପଢ଼ାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି । ମହିଳାମାନେ ରୋଷେଇ କାର୍ଯ୍ୟ କରିବାକୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବେ ମଶା ସଂଖ୍ୟା ବୃଦ୍ଧି ପାଉଥିବାରୁ ବ୍ୟବସାୟୀମାନେ ମଧ୍ୟ ଦୋକାନାରେ ବେପାର କରିବାକୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସବୁଠାରୁ ବଡ଼ କଥା ହେଉଛି ଯେ, ଶୀତ ଆରମ୍ଭରୁ ଏଭଳି ସ୍ଥିତି ଥିବାବେଳେ ଆଗକୁ ସ୍ଥିତି କ'ଣ ହେବ, ତାହାକୁ ନେଇ ଆଶଙ୍କା କରିବା ମୁସକିଲ ହୋଇପଡ଼ିଛି । ବିଗତ ବର୍ଷ ଭଳି ଏଥର ମଧ୍ୟ କଟକ ସହରରେ ମଶାର ଘନତ୍ୱ ବିପଦ ସଂକୁଳ ସ୍ତର ପାର କରିବା ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ଘାରିଛି । ପୂର୍ବରୁ ବୁସ କଟିଂ ଓ ମଶା ତେଲ ଦ୍ୱାରା ମଶା ସଂଖ୍ୟା ନିୟନ୍ତ୍ରଣ କରିବାରେ ଫେଲ ମାରିବା ପରେ ଏବେ ମଶା ଧୂଆଁରେ ପୁଣି ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ସିଏମସି ପକ୍ଷରୁ ଯୋଜନା କରାଯାଉଥିବା ଜଣାପଡ଼ିଛି ।

ପ୍ରତିବର୍ଷ ଶୀତ ଆସିବା ମାତ୍ରେ ସହରରେ ମଶାଙ୍କ ଉତ୍ପାତ ଦେଖିବାକୁ ମିଳିଥାଏ । ବିଶେଷ କରି ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ମଶା ସହରବାସୀଙ୍କୁ କଲବଲ କରିଥାନ୍ତି । ଏଥିପାଇଁ ସିଏମସି ପକ୍ଷରୁ ପ୍ରଥମେ ବୁସ କଟିଂ ଓ ମଶାତେଲ ପକାଇ ମଶାଙ୍କ ଲାର୍ଭା ନଷ୍ଟ କରାଯାଇଥାଏ । ତାପରେ ମଶାଙ୍କ ଘନତ୍ୱ ବୃଦ୍ଧି ନିୟନ୍ତ୍ରଣ ପାଇଁ ମଶାଧୂଆଁ ବ୍ୟବହାର ହୋଇଥାଏ । କିନ୍ତୁ କିଛି ବର୍ଷ ହେବ ମଶାଙ୍କ ଉତ୍ପାତ ଅସହ୍ୟ ହେବା ସହିତ ସହରରେ ମଶାର ଘନତ୍ୱ ବିପଦସଂକୁଳ ଉପରେ ରହୁଛି । ଅପର ପକ୍ଷରେ ମଶା ତେଲ ଓ ମଶା ଧୂଆଁ ପିଛା ଲକ୍ଷ ଲକ୍ଷ ଟଙ୍କା ସବୁ ପାଣିରେ ପଡୁଥିବା ମନେ ହେଉଛି । କାରଣ ଏସବୁ କିଛି ମଶାଙ୍କୁ କାଟୁ କରୁ ନଥିବା ସହରବାସୀ ଅଭିଯୋଗ କରିଛନ୍ତି। ମଶା ତେଲର ମାନ ସହିତ କିଛି ନୂଆ ଯୋଜନା କରିବାର ସିଏମସି ଫାଇଲେରିଆ ବିଭାଗ ଫେଲ ମାରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସେହିପରି ବୁସ କଟିଂ କରାଯାଉ ନଥିବାରୁ, ସହରର ବିଭିନ୍ନ ଗଳି କନ୍ଦିରେ ବଣଜଙ୍ଗଲ ଓ ଘାସଲତା ମାଡ଼ି ଗଲାଣି । ଏହାଛଡ଼ା ନିୟମିତ ଭାବେ ମଶା ଧୂଆଁ ଦିଆଯାଉନଥିବା ମଧ୍ୟ ଅଭିଯୋଗ ହେଉଛି। ଏସବୁ ଭିତରେ ନଭେମ୍ବର ଆରମ୍ଭରୁ ହିଁ କଟକ ସହରରେ ମଶାକୁ ନେଇ ଲୋକଙ୍କୁ ଚିନ୍ତା ଘାରିଛି । ଏ ନେଇ ସିଏମସି ଅଧିକାରୀ କହିଛନ୍ତି, ବୁସ କଟିଂ ଅନେକ ଦିନରୁ ଚାଲିଛି। ଏହା ସହ ମଶା ଧୂଆଁ ମଧ୍ୟ ସକାଳ ଓଳି ଦିଆଯାଉଛି। ଏହାକୁ ଅଧିକ ବ୍ୟାପକ କରିବାକୁ ଯୋଜନା ହେଉଛି ବୋଲି ସିଏମସି ପକ୍ଷରୁ ସୂଚନା ଦିଆଯାଇଛି।

# ଜମିବିକା ଟଙ୍କା ପାଇଁ ଭାଇ ଭଉଣୀ ପରସ୍ପର ହଣାହଣି

**ନିଆଳି,୧୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସାମାନ୍ୟ ଟଙ୍କା ପାଇଁ ମଣିଷ ଭୁଲିଯାଏ ନିଜର ରକ୍ତ ସମ୍ପର୍କ। ହଜାଇଦିଏ ହିତାହିତ ଜ୍ଞାନ। ଏଭଳି ଘଟଣା ଦେଖିବାକୁ ମିଳିଛି ନିଆଳି ଥାନା ଅଧୀନସ୍ଥ ଜଲାରପୁର ପଂଚାୟତ ଜଲାରପୁର ଗ୍ରାମରେ। ଉକ୍ତ ଗ୍ରାମର ରବୀନ୍ଦ୍ର ମିଶ୍ର କିଛି ଦିନ ତଳେ ଲକ୍ଷାଧିକ ଟଙ୍କାର ଜମି ବିକ୍ରି କରିଛନ୍ତି। ତାଙ୍କ ପୁଅ ଓ ଝିଅ ଦୁଇଜଣ ଥିବା ବେଳେ ଝିଅ ସେହି ଗ୍ରାମରେ ବିବାହ କରିଛନ୍ତି। ପୁଅ ବାପା-ମା'ଙ୍କ ପାଖରେ ରହି ବେପାର କରୁଥିଲେ। ବେପାରରେ ଲକ୍ଷାଧିକ ଟଙ୍କା କରଜ ହେବା ପରେ ପୁଅ ବାପାଙ୍କୁ ଜମି ବିକା ଟଙ୍କା ଭାଗ ମାଗିଥିଲା। ବାପ-ମା ଟଙ୍କା ନଦେବାରୁ ଧାରୁଆ ଅସ୍ତ୍ର ଧରି ଗାଁ ଦାଣ୍ଡରେ ବୁଲିଥିଲା ପୁଅ। ବାପା-ମାଙ୍କୁ ଖୋଜୁଥିବା ବେଳେ ଭଉଣୀ ରୁପାଲୀ ବେହେରା ଓରଫ ରିଙ୍କି (୩୫) ପହଂଚି ଥିଲେ। ରିଙ୍କିର ମୁଣ୍ଡକୁ ଭାଇ ହାଣିଦେଇଥିବା ବେଳେ ରିଙ୍କି ବି ଭାଇ ରଶ୍ମିରଂଜନ ମିଶ୍ରର ଗୋଡ଼କୁ ୬ରୁ ଊର୍ଦ୍ଧ୍ୱ ଚୋଟ ମାରିଥିଲେ। ଭାଇକୁ ଗୁରୁତର ଅବସ୍ଥାରେ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଏହି ଘଟଣା ମଙ୍ଗଳବାର ଦିନ ୨.୩୦ରେ ଘଟିଥିଲା। ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସଦାନନ୍ଦ ଦାସ୍ ପ୍ରାଥମିକ ଚିକିତ୍ସା କରି କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରଣ କରିଥିଲେ। ହେଲେ ପରିବାର ଲୋକ କେହି ଆସିନଥିବାରୁ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ୮ ଘଣ୍ଟା ପଡି ଛଟପଟ ହେଉଥିଲେ ରଶ୍ମିରଂଜନ। ରଶ୍ମିରଂଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବା ଦେଖି ୧୧୨ରେ ରାତି ୯ ଟାରେ କଟକ ବଡ ଡାକ୍ତର ଖାନା ସ୍ଥାନାନ୍ତରଣ କରିଥିଲେ। ସୂଚନା ଥାଉକି ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଳି ଥାନା ପୋଲିସ୍ ପହଂଚି ପ୍ରାଥମିକ ତଦନ୍ତ କରିଥିଲେ ବି କଟକ ବଡ଼ ଡାକ୍ତର ଖାନାକୁ ନେଇନଥିଲେ। ଏ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମତାମତ ନେବା ପାଇଁ ନିଆଳି ଥାନା ଆଇଆଇସି ଦିଲ୍ଲୀପ୍ କୁମାର କାଣ୍ଡିଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ।

# ରାହୁଲଙ୍କ ବିରୋଧରେ ଅଭିଯୋଗ ଆଣିଲେ ୨୭୨ ବିଚାରପତି ଓ ପ୍ରଶାସନିକ ଅଧିକାରୀ

**ନୂଆଦିଲ୍ଲୀ,୧୯।୧୧**

**ଏକ୍ସପ୍ରେସ୍ ନ୍ୟୁଜ୍**

କଂଗ୍ରେସ ନିର୍ବାଚନ କମିସନଙ୍କୁ ଲଗାତାର ଟାର୍ଗେଟ କରି ଅନେକ ଗମ୍ଭୀର ଅଭିଯୋଗ ଆଣିଛି। ଦେଶର ୨୭୨ ଜଣ ପ୍ରମୁଖ ବ୍ୟକ୍ତି ଏ ସମ୍ପର୍କରେ ଏକ ଖୋଲା ଚିଠି ଲେଖିଛନ୍ତି। ସେମାନଙ୍କ ମଧ୍ୟରେ ୧୬ ଜଣ ବିଚାରପତି ଏବଂ ୧୪ ଜଣ ରାଷ୍ଟ୍ରଦୂତଙ୍କ ସମେତ ୧୨୩ ଜଣ ପୂର୍ବତନ ବ୍ୟୁରୋକ୍ରାଟ ଅଛନ୍ତି। ଏହା ସହିତ, ୧୩୩ ଜଣ ଅବସରପ୍ରାପ୍ତ ସଶସ୍ତ୍ର ବାହିନୀ ଅଧିକାରୀ ମଧ୍ୟ ଚିଠି ଲେଖିଛନ୍ତି। ଗତ କିଛି ଦିନ ମଧ୍ୟରେ କଂଗ୍ରେସ ଭୋଟ ଚୋରି ଭଳି ଗମ୍ଭୀର ଅଭିଯୋଗ ଆଣିଛି। ତେବେ ଏବେ ଏଭଳି ପଦକ୍ଷେପ ଦ୍ୱାରା ରାହୁଲ ଗାନ୍ଧୀଙ୍କୁ ବଡ ଝଟକା ଲାଗିଛି। କଂଗ୍ରେସ ବିରୋଧରେ ନିର୍ବାଚନ କମିସନଙ୍କୁ ବଦନାମ କରିବାର ଅଭିଯୋଗ ନେଇ ନିର୍ବାଚନ କମିସନଙ୍କ ସମର୍ଥନରେ ମୋଟ ୨୭୨ ଜଣ ଖୋଲା ଚିଠି ଲେଖିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ବିରୋଧୀ ନେତା ଏବଂ କଂଗ୍ରେସ ଦଳ ଭାରତୀୟ ନିର୍ବାଚନ କମିସନ ଭଳି ସାମ୍ବିଧାନିକ ପ୍ରତିଷ୍ଠାନକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ସମସ୍ତେ କଂଗ୍ରେସ ଦଳକୁ ନିନ୍ଦା କରି ଚିଠି ଲେଖିଛନ୍ତି। ଏହି ଖୋଲା ଚିଠିରେ ନିର୍ବାଚନ କମିସନଙ୍କ ବିରୋଧରେ ବୟାନବାଜିର ନିନ୍ଦା କରାଯାଇଛି। ଏଥିରେ କୁହାଯାଇଛି, ଆମେ ସମାଜର ବରିଷ୍ଠ ନାଗରିକ ଭାବରେ, ଆମର ଚିନ୍ତା ପ୍ରକାଶ କରୁଛୁ ଯେ, ଭାରତର ଗଣତନ୍ତ୍ର ଉପରେ ବଳ ପ୍ରୟୋଗ ନୁହେଁ, ବରଂ ଏହାର ମୂଳ ପ୍ରତିଷ୍ଠାନଗୁଡ଼ିକ ବିରୋଧରେ ବଢୁଥିବା ବିଷାକ୍ତ ବୟାନବାଜି ଦ୍ୱାରା ଟାର୍ଗେଟ କରାଯାଉଛି। କିଛି ନେତା ରାଜନୈତିକ ନାଟକବାଜି କରୁଛନ୍ତି, ଉତ୍ତେଜନାପୂର୍ଣ୍ଣ ଏବଂ ଭିତ୍ତିହୀନ ଅଭିଯୋଗ ଆଣୁଛନ୍ତି। ଚିଠିରେ ଉଲ୍ଲେଖ ରହିଛି, କେତେବେଳେ ଭାରତୀୟ ସଶସ୍ତ୍ର ବାହିନୀର ବୀରତ୍ୱ ଏବଂ ସଫଳତା ଉପରେ ପ୍ରଶ୍ନ ଉଠାଯାଇଛି, ଏବଂ କେତେବେଳେ କୋର୍ଟ, ସଂସଦ ଏବଂ ଏହାର ଅଧିକାରୀମାନଙ୍କ ଉପରେ ପ୍ରଶ୍ନ ଉଠାଯାଇଛି। ଏହା ପରେ, ଏବେ ନିର୍ବାଚନ କମିସନଙ୍କ ପାଳି। ନିର୍ବାଚନ କମିସନଙ୍କର ସାଧୁତା ଏବଂ ପ୍ରତିଷ୍ଠା ଉପରେ ଷଡ଼ଯନ୍ତ୍ରମୂଳକ ଆକ୍ରମଣ ଆରମ୍ଭ ହୋଇଛି। ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ଏଥିରେ ଲେଖାଯାଇଛି, ଲୋକସଭାର ବିରୋଧୀ ଦଳ ନେତା ବାରମ୍ବାର ନିର୍ବାଚନ କମିସନଙ୍କ ବିରୋଧରେ ମନ୍ତବ୍ୟ ପ୍ରଦାନ କରିଛନ୍ତି। ସେ କହୁଛନ୍ତି ତାଙ୍କ ପାଖରେ ନିର୍ବାଚନ କମିସନ ଭୋଟ ଚୋରିରେ ସାମିଲ ଥିବାରୁ ଠୋସ୍ ପ୍ରମାଣ ଅଛି।

# ହାଇୱା ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଚାରିଛକ,୧୯।୧୧**

**ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ-ଗୋପ ମୁଖ୍ୟ ରାସ୍ତାର ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ବୁଧବାର ସକାଳୁ ଏକ ହାଇୱା ଧକ୍କାରେ ଜଣେ ମହିଳାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଖବର ପାଇ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ତୁରନ୍ତ ଘଟଣା ସ୍ଥଳରେ ପହଂଚି ଦୁର୍ଘଟଣା ସ୍ଥଳରୁ ମହିଳାଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହିତ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରିଛି। ସୁଚନା ମୁତାବକ ଏହି ଥାନା ଅନ୍ତର୍ଗତ ତମ୍ପାଳୋ ପଂଚାୟତ ଚଢେଇଗାଁ ପାଂଚବାଟିଆ ଗ୍ରାମର ଗୌରାଙ୍ଗ ଖଟୋଇଙ୍କ ପତ୍ନୀ ସୌଦାମିନୀ ଖଟୋଇ (୫୫) ଆଜି ଏକ କାମରେ ଚାରିଛକ ବଜାରକୁ ଜଣଙ୍କ ସ୍କୁଟିରେ ଆସୁଥିବା ସମୟରେ ପଛପଟୁ ଆସୁଥିବା ଏକ ହାଇୱା ମହିଳାଙ୍କୁ ଧକ୍କା ଦେବା ଫଳରେ ମହିଳା ଜଣକ ରାସ୍ତା ଉପରେ ପଡିଯିବା ଫଳରେ ମହିଳାଙ୍କ ମୁଣ୍ଡ ଉପରେ ଗାଡି ଚକା ଚଢିଯାଇଥିଲା। ଦୁର୍ଘଟଣା ସ୍ଥଳରେ ମହିଳାଜଣଙ୍କ ପଡି ଛଟପଟ ହେଉଥିବା ସମୟରେ ସ୍ଥାନୀୟ ଲୋକମାନେ ଦେଖି ପୁଲିସକୁ ଖବର ଦେଇଥିଲେ ଘଟଣାସ୍ଥଳରେ ପୁଲିସ ପହଂଚି ମହିଳାଙ୍କୁ ଚିକିତ୍ସା ପାଇଁ ନିଜ ପୁଲିସ ଭ୍ୟାନରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ମହିଳାଙ୍କୁ ଦେଖିବା ପରେ ମହିଳାଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରିଥିଲେ। ଖବର ପାଇଁ ଗ୍ରାମର ଲୋକମାନେ ଘଟଣା ସ୍ଥଳରେ ପହଂଚି ମହିଳାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବୀ କରିଥିଲେ। ଘଟଣାସ୍ଥଳରେ ତହସିଲଦାର ମନୋଜ କୁମାର ପ୍ରଧାନ ପଂହଚି ମୃତକ ପରିବାରକୁ ୧୫ ହଜାର ରେଡକ୍ରସ ପାଣ୍ଠିରୁ ଦେବା ପରେ ଶବ ବ୍ୟବଚ୍ଛେଦ ହୋଇଥିଲା।



# ଓଡ଼ିଶାର ୩୪ ଲକ୍ଷ ଚାଷୀଙ୍କୁ ମିଳିଲା ପିଏମ କିଷାନର ୨୧ତମ କିସ୍ତି

**ଭୁବନେଶ୍ୱର,୧୯।୧୧**

**ଏକ୍ସପ୍ରେସ୍ ନ୍ୟୁଜ୍**




ଚାଷୀଙ୍କ ଖାତାକୁ ଆସିଲା ପିଏମ କିଷାନର ୨୧ ତମ କିସ୍ତି। ଦେଶର ୯କୋଟି ଚାଷୀଙ୍କ ଖାତାକୁ ୧୮ହଜାର କୋଟି ଟଙ୍କା ପଠାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦେଶର ଅନ୍ନଦାତାଙ୍କ ଉନ୍ନତି ତଥା କୃଷି ବିକାଶ ଦିଗରେ ଏହା ବେଶ୍ ସହାୟକ ହେଉଛି। ନ୍ୟାଚୁରାଲ୍ ଫାର୍ମିଂ, କେମିକାଲ ଫ୍ରି ଫାର୍ମିଂ ଓ ମିଲେଟ୍ ଚାଷ ଉପରେ ଗୁରୁତ୍ୱ ଦେବାକୁ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ସେହିଭଳି ଓଡିଶାରେ ୩୪ ଲକ୍ଷ ୧୨ ହଜାରରୁ ଅଧିକ ଚାଷୀଙ୍କ ଖାତାକୁ ଯାଇଛି ପିଏମ କିଷାନ ଟଙ୍କା। ଆୟ ବଢ଼ାଇବାକୁ ମିଶ୍ରିତ ଚାଷ ଉପରେ ଗୁରୁତ୍ୱ ଦେବାକୁ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

ଦେଶର ୯କୋଟି ଚାଷୀଙ୍କ ଖାତାକୁ ଗଲା ପିଏମ କିଷାନ ଟଙ୍କା। ତାମିଲନାଡୁର କୋଏମ୍ବାଟୁରରୁ ପିଏମ କିଷାନ କିସ୍ତି ବାବଦକୁ ୧୮ହଜାର କୋଟି ଟଙ୍କା ବାଣ୍ଟିଲେ ପିଏମ ମୋଦି। ଏହା ଦ୍ୱାରା ଦେଶର କ୍ଷୁଦ୍ର, ମଧ୍ୟମ, ବୃହତ୍ ଓ ସହରାଞ୍ଚଳର ଭୂମିଧାରୀ ଚାଷୀମାନେ ଉପକୃତ ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଯୁଗାନ୍ତକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ଦେଶର ଚାଷୀ, ଗରିବ, ମହିଳା ସମସ୍ତେ ଉପକୃତ ହେଉଛନ୍ତି। ୨୦୧୯ରୁ ପିଏମ କିଷାନ ଯୋଜନା ଆରମ୍ଭ ହୋଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ୩ ଲକ୍ଷ ୯୦ ହଜାର କୋଟି ଟଙ୍କା ଚାଷୀଙ୍କ ଆକାଉଣ୍ଟରେ ପହଞ୍ଚାଇଛନ୍ତି ମୋଦି ସରକାର। ଦେଶର ଅନ୍ନଦାତାଙ୍କ ଉନ୍ନତି ଏହାର ମୁଖ୍ୟ ଉଦ୍ଦେଶ୍ୟ। ନ୍ୟାଚୁରାଲ୍ ଫାର୍ମିଂ, କେମିକାଲ ଫ୍ରି ଫାର୍ମିଂ ଓ ମିଲେଟ୍ ଚାଷ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି।

ସେହିଭଳି ଆଜି ଓଡିଶାର ୩୪ ଲକ୍ଷ ୧୨ ହଜାରରୁ ଅଧିକ ଚାଷୀଙ୍କୁ ମିଳିଛି ପିଏମ କିଷାନ ସହାୟତା ରାଶି। ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଚାଷୀଙ୍କୁ ସମ୍ବୋଧିତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟ ମନ୍ତ୍ରୀ ତଥା କୃଷି ମନ୍ତ୍ରୀ କେଭି ସିଂହଦେଓ। ୨୦୩୬ରେ ବିକଶିତ ଓଡ଼ିଶା କରିବାକୁ ହେଲେ, ଚାଷୀଙ୍କୁ ମିଶ୍ରିତ ଚାଷ ଉପରେ ଫୋକସ କରିବାକୁ ପଡ଼ିବ। ଅଧିକ ଆୟ କରିବାକୁ ମିଶ୍ରିତ ଚାଷ ଉପରେ ଗୁରୁତ୍ୱ ଦେବାକୁ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। କେବଳ ଧାନ ଚାଷ ନୁହେଁ ଡାଲି ଜାତୀୟ, ତୈଳ ଜାତୀୟ ଭଳି ଆନୁସଙ୍ଗିକ ଚାଷ କାର୍ଯ୍ୟ କରିବାକୁ କହିଛନ୍ତି। ଏହା ଦ୍ୱାରା ଚାଷୀଙ୍କ ଆୟ ବହୁ ଗୁଣିତ ହେବ ବୋଲି କହିଛନ୍ତି ସିଏମ। କୃଷି ବିଦ୍ୟାନିଧି ଯୋଜନାରେ ୨୦୨୪-୨୫ ଶିକ୍ଷା ବର୍ଷରେ ଚାଷୀ ପରିବାରର ୧୩ ହଜାର ୯୨୩ ଜଣଙ୍କୁ ୫୩ କୋଟି ୬୭ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ପୂର୍ବବର୍ଷ ତୁଳନାରେ ଏହା ୫ ଗୁଣ ଅଧିକ। କୃଷକମାନଙ୍କ ପାଇଁ ମିଳୁଥିବା ସମସ୍ତ ଯୋଜନାର ସୁବିଧା ସୁଯୋଗ ସମସ୍ତ ଯୋଗ୍ୟ ଚାଷୀ ପାଆନ୍ତୁ, ସେ ନେଇ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ ।

## ପ୍ରଥମ ପୃଷ୍ଠାରୁ...

### ଆଜି ଶପଥ...

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅର୍ଜୁନ ରାମ ମେଘୱାଲ, ୟୁପି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ବିଜେପି ନେତା ସାଧ୍ୱୀ ନିରଞ୍ଜନ ଜ୍ୟୋତି ଏବଂ ବିନୋଦ ତାୱଡେ ଏନଡିଏ ବିଧାୟକ ଦଳ ବୈଠକରେ ଉପସ୍ଥିତ ଅଛନ୍ତି। ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବେ। ସେହିପରି ବିଜେପି ଓ ଏନଡିଏ ଶାସିତ ରାଜ୍ୟଙ୍କ ମୁଖ୍ୟମାନେ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇ ପାରନ୍ତି। ରାଜନୈତିକ ରୂପେ ବୁଧବାର ଦିନଟି ବିହାର ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା।

### ରମେଶ୍ୱର-ପାରାଦୀପ...

ସୁଗମ କରିବ। ଏହାକୁ ଦୁଇ ଲେନ୍ ବିଶିଷ୍ଟ ରାଜପଥ (ପେଭ୍‌ଡ୍ ସୋଲ୍ଡର ସହିତ) ଭାବେ ନିର୍ମାଣ କରାଯିବ, ଯାହା ଆଗାମୀ ବନ୍ଦର ଓ ଲଜିଷ୍ଟିକ୍ସ ହବ୍ ସହିତ ସଂଯୋଗରେ ଉନ୍ନତି ଆଣିବ। ଏହି ରାଜପଥରେ ମହାନଦୀ ଉପରେ ଏକ ୩.୩ କିଲୋମିଟରର ଲମ୍ବର ସେତୁ ସମେତ ୩୬ଟି ବଡ଼ ପୋଲ, ୮୯ଟି ଛୋଟ ପୋଲ ଏବଂ ୪୫ଟି ଭେଇକିଲ୍ ଅଣ୍ଡରପାସ୍ ନିର୍ମାଣ କରାଯିବ। ଏହି ଉପକୂଳ ରାଜପଥ କାର୍ଯ୍ୟକ୍ଷମ ହେଲେ, ରମେଶ୍ୱର ଓ ପାରାଦୀପ ମଧ୍ୟରେ ଯାତ୍ରା ଦୂରତା ୨୧୦ କିଲୋମିଟରରୁ ଘଟି ୧୬୦.୧୮ କିଲୋମିଟରକୁ ହ୍ରାସ ପାଇବ। ଏହା ସହ ବର୍ତ୍ତମାନ ୫.୫ ଘଣ୍ଟା ଲାଗୁଥିବା ସମୟ ପ୍ରାୟ ୩ ଘଣ୍ଟାକୁ କମିଯିବ।

### ସାପ କାମୁଡ଼ା...

କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସାପ କାମୁଡ଼ା ଜନିତ ମୃତ୍ୟୁ ପାଇଁ ବର୍ତ୍ତମାନ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉଛି। ନିକଟରେ ଏକ ମାମଲାରେ ସୁପ୍ରିମକୋର୍ଟ ଏହି ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସଂଶୋଧିତ କ୍ଷତିପୂରଣ ଢାଞ୍ଚା ଅନୁମୋଦନ ହେବା ପରେ ଏହା ସାରା ଦେଶରେ ଲାଗୁ ହେବ। ଆଣ୍ଟି-ଭେନମ୍ ସମେତ ସାପ କାମୁଡ଼ା ଚିକିତ୍ସା ସୁବିଧା ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ କରାଇବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ।

### ସ୍କୁଲ ପାଇଖାନାରେ...

ପାଇଖାନା ଘରେ ପଡ଼ି ମୃତ୍ୟୁ ହୋଇଥିବା ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ତେବେ ପରିବାର ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ତାଙ୍କ ଝିଅର ମୃତ୍ୟୁ ଘଟିଛି ବୋଲି ମୃତା ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି।

### ଲାଞ୍ଚ ନେଇ...

ମହାନ୍ତଙ୍କୁ ଦେବା ପାଇଁ ଚମ୍ପୁଆ ଅବକାରୀ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଅଧିକ୍ଷକ ସୀତାରଣୀ ଏଏସଆଇ ବିଜୟଙ୍କୁ ଟଙ୍କା ନେବା ପାଇଁ ଫୋନରେ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଯୋଜନା ମୁତାବକ ଏହି ସମୟରେ ଭିଜିଲାନ୍ସ ଚଢାଉ କରି ଏଏସଆଇ ବିଜୟ ମହାନ୍ତଙ୍କୁ ମାଡି ବସିବା ସହ ତାଙ୍କଠାରୁ ୪୦ ହଜାର ଲାଞ୍ଚ ଟଙ୍କା ଜବତ କରିଥିଲେ। ବିଭାଗ ପକ୍ଷରୁ ଏକକାଳୀନ ଅବକାରୀ ଅଧିକ୍ଷକ ସୀତାରାଣୀ ପଟ୍ଟାୟତଙ୍କ ସହ ଜଡିତ ତିନୋଟି ସ୍ଥାନରେ ଓ ଏଏସଆଇ ବିଜୟ ମହାନ୍ତଙ୍କ ସହ ଜଡିତ ଦୁଇଟି ସ୍ଥାନରେ ଚଢାଉ ହୋଇଛି। ଶ୍ରୀମତୀ ପଟ୍ଟାୟତ ଓ ଶ୍ରୀ ମହାନ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। କେନ୍ଦୁଝର ଭିଜିଲାନ୍ସ ଡିଏସପି ସୁଧାଂଶୁ ଶେଖର ପୂଜାରୀଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ଏସଆଇ ସୁଶାନ୍ତ ସେଠୀ, କନେଷ୍ଟବଳ ସର୍ବେଶ୍ୱର ସାହୁଙ୍କ ସମେତ କେନ୍ଦୁଝର ଓ ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ଭିଜିଲାନ୍ସ ଷ୍ଟାଫ ସାମିଲ ଥିଲେ ।

### ଆନ୍ଧ୍ର-ଓଡ଼ିଶା...

ହୋଇଥିବା ଏନକାଉଣ୍ଟରରେ ହିଡ଼ାମ ସମେତ ତା' ପତ୍ନୀ ରାଜେ ଓ କିଛି ଘନିଷ୍ଠ ସହଯୋଗୀଙ୍କୁ ମିଶାଇ ୬ ଜଣ ନିହତ ହୋଇଥିଲେ। ହିଡମା ମୁଣ୍ଡରେ ପ୍ରାୟ ୧ କୋଟି ଟଙ୍କାର ପୁରସ୍କାର ରହିଥିଲା। ତା'କୁ ଧରିବା ପାଇଁ ଏକାଧିକ ରାଜ୍ୟର ପୁଲିସ୍ ଉଦ୍ୟମ କରୁଥିଲେ। ନଭେମ୍ବର ୩୦ ପୂର୍ବରୁ ହିଡମାକୁ ଧରିବାକୁ ଟାର୍ଗେଟ ସେଟ କରାଯାଇଥିଲା। କିନ୍ତୁ ଏହା ପୂର୍ବରୁ ହିଡମାର ଖେଳ ଶେଷ କରି ଦେଇଛନ୍ତି ସୁରକ୍ଷାକର୍ମୀ।

### ଏସ୍‌ଆଇଆର୍-ଜନଗଣନା...

ପାଉଛି। ତେବେ ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ରାଜ୍ୟ ନିର୍ବାଚନ କମିଶନ ନେବେ ବୋଲି ଆଶା କରାଯାଉଛି। ଇତିମଧ୍ୟରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଲାଗି ଏସ୍‌ଆଇଆର୍ ମଧ୍ୟ ଓଡ଼ିଶାରେ ହେବାକୁ ଯାଉଛି। ଏଭଳି ସ୍ଥିତିରେ ପଞ୍ଚାୟତି ସଂସ୍ଥାଗୁଡ଼ିକରେ ଖାଲି ପଡିଥିବା ଆସନ ପୂରଣ ପାଇଁ ନିର୍ବାଚନ ହେବ ନା ଏସ୍‌ଆଇଆର ଓ ଜନଗଣନା ଆଳରେ ପୁଣି ସମୟ ଗଡ଼ାଯିବ ସେ ସଂକ୍ରାନ୍ତରେ କେହି କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ କିଛି କହିପାରୁ ନାହାନ୍ତି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das    ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ    Chief Editor : Umapada Bose    ମୁଖ୍ୟ ସମ୍ପାଦକ : ଉମାପଦ ବୋଷ